

ପଞ୍ଚମ ବର୍ଷ ● ପ୍ରଥମ ସଂଖ୍ୟା
ନଭେମ୍ବର-ଡିସେମ୍ବର, ୨୦୧୯

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)




ଶ୍ରୁତିନ୍ୟାସ ପକ୍ଷରୁ ସରସ୍ୱତୀ ବିଦ୍ୟାମନ୍ଦିର, ନୀଳାଦ୍ରି ବିହାରଠାରେ ଆୟୋଜିତ ୧୧ଦଶ ଜୀବନ ନିର୍ମାଣ ଶିବିରରେ ମଞ୍ଚାସୀନ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍, କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ, ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଓ ଆଚାର୍ଯ୍ୟ ପ୍ରିୟେଶ




ଜୀବନ ନିର୍ମାଣ ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ




ଶିବିରାର୍ଥୀଗଣଙ୍କ ଗହଣରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍




ଶିବିରର କାର୍ଯ୍ୟକର୍ତ୍ତାମାନଙ୍କ ଗହଣରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ




ଜୀବନ ନିର୍ମାଣ ଶିବିରର ବିଭିନ୍ନ ଦିବସରେ ଯଜ୍ଞାନୁଷ୍ଠାନ କରୁଛନ୍ତି ଶିବିରାର୍ଥୀଗଣ




ଜୀବନକୁ ମହାନ କରିବାପାଇଁ ଶିବିରାର୍ଥୀମାନଙ୍କୁ ବ୍ରତ-ସଂକଳ୍ପ କରାଉଛନ୍ତି ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

❁

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❁

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

❁

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

❁

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଡଃ. ଲଳିତମଞ୍ଜରୀ ସାହୁ**

❁

ପରିଚାଳନା ମଣ୍ଡଳୀ

**ଇଂ. ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଇଂ. ନାରାୟଣ ପଣ୍ଡା**

❁

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org


**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**

Spiritual Social Vedic Magazine

Bimonthly

Vol-5, Issue-1, Nov-Dec. 2019

**Webpage:**

**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଉତ୍ତମ ଗୃହିଣୀ | ୦୨ |
| ୦୨. | ବିଷ୍ଣୁଙ୍କ କର୍ମ ଦେଖ | ୦୭ |
| ୦୩. | କର୍ମଫଳ ସମସ୍ୟା | ୧୮ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୨ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଉତ୍ତମ ଗୃହିଣୀ

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ପ୍ର.କ. —** ଆମ କାର୍ଯ୍ୟକ୍ରମର ଜଣେ ଶ୍ରୋତ୍ରୀ ପତ୍ର ଦେଇଛନ୍ତି। ସେ ଭଉଣୀ ଆପଣଙ୍କୁ ପଚାରିଛନ୍ତି— "ସ୍ୱାମୀଜୀ! ଅଳ୍ପ ଦିନ ହେଲା ମୋର ବିବାହ ହୋଇଛି। ବିବାହ ପରେ ଏଇ କାର୍ଯ୍ୟକ୍ରମ ବିଷୟରେ ମୁଁ ଜାଣିବାକୁ ପାଇଲି। ମୁଁ ଏହା ଏବେ ନିୟମିତ ଦେଖୁଛି ଓ ମୋତେ ବହୁତ ଶିକ୍ଷଣୀୟ ଲାଗୁଛି। ମୁଁ ଜଣେ ଭଲ ପତ୍ନୀ, ଭଲ ବୋହୂ ଓ ଭଲ ମାଆ ହେବାକୁ ଚାହୁଁଛି। ଏଥିପାଇଁ ମୋତେ କ'ଣ କ'ଣ କରିବାକୁ ହେବ?" ସେ ଭଉଣୀ ଜଣକ ଚାହୁଁଛନ୍ତି ଆଦର୍ଶ ଗୃହିଣୀ ହେବା ପାଇଁ। ଏଣୁ ଆପଣ ଦୟାକରି ତାଙ୍କୁ ଉଚିତ ରାସ୍ତା ବତାନ୍ତୁ।

**ସ୍ୱାମୀଜୀ —** ମୁଁ ପ୍ରଥମେ ଏହି ମହିଳାଜଣଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଉଛି। କାରଣ ବର୍ତ୍ତମାନ ସମୟରେ ଆଦର୍ଶ ପତ୍ନୀ, ବୋହୂ ଓ ମାଆ ହେବାକୁ ଚାହୁଁଥିବା ମହିଳାଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାକୁ ଲାଗିଛି। ଭୌତିକ ଉନ୍ନତି ପାଇଁ ଆଜି ମହିଳାଙ୍କ ମଧ୍ୟରେ ଯେଉଁଭଳି ତୀବ୍ର ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଉଛି; ଆଦର୍ଶ ନାରୀ ହେବା ନିମନ୍ତେ ସେଭଳି କୌଣସି ମନୋବୃତ୍ତି ପ୍ରାୟ ପରିଲକ୍ଷିତ ହେଉନାହିଁ। ସଂଯମ, ଶୃଙ୍ଖଳା, ଅନୁଶାସନ, ଉଦାରତା, ଆତ୍ମୀୟତା, ସେବା, ସମର୍ପଣ, ତ୍ୟାଗ, ତିତିକ୍ଷା ଆଦି ଯେଉଁସବୁ ଦିବ୍ୟ ଗୁଣାବଳୀ ନିମନ୍ତେ ଭାରତୀୟ ନାରୀ ସମଗ୍ର ବିଶ୍ୱରେ ବନ୍ଦିତା ହୋଇଆସିଛି ଆଜି ସେସବୁର ଘୋର ଅଭାବ ଦେଖାଯାଉଛି। ଏଭଳି ପରିସ୍ଥିତିରେ ଏ ଭଉଣୀଜଣକ ଏଭଳି ପ୍ରଶ୍ନ ପଚାରିଥିବାରୁ ଧନ୍ୟବାଦାର୍ହା।

ମହର୍ଷି ମନୁ କହିଛନ୍ତି — **'ପିତୃଦେବମନୁଷ୍ୟାଣାଂ ବେଦଶ୍ଚକ୍ଷୁଃ ସନାତନମ୍'** (ମନୁ. ୧୨:୯୪) — ପିତୃ ଅର୍ଥାତ୍ ବୟୋବୃଦ୍ଧ, ଅନୁଭୂତିସମ୍ପନ୍ନ; ଦେବ ଅର୍ଥାତ୍ ବିଦ୍ୱାନ୍, ଜ୍ଞାନବୃଦ୍ଧ ଏବଂ ସାଧାରଣ ମନୁଷ୍ୟ— ଏଭଳି ଭାବେ ମାନବ ମାତ୍ରକେ ପ୍ରତ୍ୟେକଙ୍କର ଚିରନ୍ତନ ଚକ୍ଷୁ, ସନାତନ ମାର୍ଗଦର୍ଶକ ହେଉଛି ବେଦ। ବ୍ୟକ୍ତିର ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ, ବୈଶ୍ୱିକ ଆଦି ପ୍ରତ୍ୟେକ ପ୍ରକାର ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ବେଦ ସ୍ପଷ୍ଟ ରୂପେ ଦିଗ୍‌ଦର୍ଶନ ଦିଏ। କାରଣ ଦେବ ସକଳ ଜ୍ଞାନ-ବିଜ୍ଞାନର ଭଣ୍ଡାର — **'ସର୍ବଜ୍ଞାନମୟୋ ହି ସଃ'** (ମନୁ. ୨:୭)। ଏଣୁ ଏହି ଭଉଣୀଙ୍କ ପାଇଁ ଆବଶ୍ୟକ ଥିବା ବିଷୟ ବେଦରୁ ଖୋଜିବା। ଜଣେ ଗୃହିଣୀର ୩ଟି ଭୂମିକା- ପତ୍ନୀ, ବଧୂ ଓ ମାତା କିପରି ଉତ୍ତମ, ଆଦର୍ଶ ହୋଇପାରିବ ସେ କଥା ସିଏ ପଚାରିଛନ୍ତି।

ଯଜୁର୍ବେଦରେ ଗୋଟିଏ ମନ୍ତ୍ର ଅଛି ଯେଉଁଥିରେ କି ନାରୀର ଗୁଣ-କର୍ମ-ସ୍ୱଭାବ କିପରି ହେବା ଉଚିତ ସେଇ ଆଧାରରେ ତା'ର ବିବିଧ ନାମ ରଖାଯାଇଛି। ନାରୀକୁ ସମ୍ବୋଧନ କରି କୁହାଯାଇଛି—

**ଇଡ଼େ ରନ୍ତେ ହବ୍ୟେ କାମ୍ୟେ ଚନ୍ଦ୍ରେ ଜ୍ୟୋତେଽଦିତେ ସରସ୍ୱତି ମହି ବିଶ୍ରୁତି। ଏତା ତେଽଘ୍ନ୍ୟେ ନାମାନି ଦେବେଭ୍ୟୋ ମା ସୁକୃତଂ ବ୍ରୂତାତ୍ ॥**

(ଯଜୁଃ. ୮:୪୩)

ହେ **(ଇଡ଼େ)** ସ୍ତୁତିଯୋଗ୍ୟା, ପ୍ରଶଂସନୀୟ ଗୁଣଯୁକ୍ତା, **(ରନ୍ତେ)** ରମଣୀୟା, **(ହବ୍ୟେ)** ହବନୀୟା, ସମର୍ପଣଗୁଣଯୁକ୍ତା, **(କାମ୍ୟେ)** କମନୀୟା, **(ଚନ୍ଦ୍ରେ)** ଆହ୍ଲାଦଦାୟିନୀ, **(ଜ୍ୟୋତେ)** ଜ୍ୟୋତିର୍ମୟୀ, **(ଅଦିତେ)** ଅବିନାଶିନୀ, **(ସରସ୍ୱତି)** ବିଦୁଷୀ, **(ମହି)** ମହତୀ, **(ବିଶ୍ରୁତି)** କୀର୍ତ୍ତିମୟୀ ନାରୀ! **(ତେ)** ତୁମର **(ଏତା)** ଏସବୁ **(ନାମାନି)** ନାମ। **(ଅଘ୍ନ୍ୟେ)** ହେ ଅହିଂସନୀୟେ! **(ଦେବେଭ୍ୟଃ)** ଉତ୍ତମ ଗୁଣଯୁକ୍ତ, ଦିବ୍ୟ ଜୀବନ ପାଇଁ **(ମା)** ମୋତେ **(ସୁକୃତମ୍)** ଉତ୍ତମ କର୍ତ୍ତବ୍ୟ କର୍ମ

**(ବୃତାତ)** ଉପଦେଶ ଦିଅ।

ନାରୀର ଗୁଣ-କର୍ମ-ସ୍ୱଭାବ ଆଧାରରେ ବେଦରେ ତାକୁ ଦିଆଯାଇଥିବା ନାମଗୁଡ଼ିକୁ ଆମେ ଗୋଟିଏ-ଗୋଟିଏ କରି ଆଲୋଚନା କରିବା।

**୧. ଇଡ଼ା —** ଇଡ଼ାର ଅର୍ଥ ସ୍ତୁତ୍ୟା, ସ୍ତବନୀୟା, ପ୍ରଶଂସନୀୟା; ଯାହାର ବାଣୀ ଓ ବ୍ୟବହାର ପ୍ରଶଂସାର ଯୋଗ୍ୟ। ବେଦର ସନ୍ଦେଶ ହେଲା— 'ହେ ନାରି ! ତୁମେ ମଧୁରଭାଷିଣୀ, ପ୍ରିୟବାଦିନୀ, ଉତ୍ତମ ବ୍ୟବହାରକାରିଣୀ ହୋଇ ପ୍ରଶଂସନୀୟା ହୁଅ। ତୁମ ବାଣୀ ଓ ବ୍ୟବହାରରେ ପତି ତଥା ପରିବାର-ପରିଜନ ସୁଖୀ-ସନ୍ତୁଷ୍ଟ-ପ୍ରସନ୍ନ ହୁଅନ୍ତୁ; ଗୃହରେ ସଦା ଶାନ୍ତି-ଆନନ୍ଦ-ପ୍ରସନ୍ନତାର ବାତାବରଣ ରାଜତ୍ୱ କରୁ। ତୁମ କଥନ ଓ କର୍ମ ଯୋଗୁଁ ଗୃହରେ କ୍ଲେଶ-ସନ୍ତାପର ପରିସ୍ଥିତି-ପରିବେଶ ନ ରହୁ।' ଅତଃ ନାରୀର ବାଣୀ ଓ ବ୍ୟବହାର ଏ ଦୁଇଟି କଠୋର-କର୍କଶ, ନିନ୍ଦନୀୟ ନ ହୋଇ ପ୍ରଶଂସାର ଯୋଗ୍ୟ ହେବା ଆବଶ୍ୟକ।

ଜନ୍ ମିଲଟନ୍ ଜଣେ ପ୍ରସିଦ୍ଧ କବି ଥିଲେ। ଗ୍ଲୁକୋମା କାରଣରୁ ତାଙ୍କ ଦୃଷ୍ଟିଶକ୍ତି ଧୀରେ-ଧୀରେ ହ୍ରାସ ପାଇ ୪୪ ବର୍ଷ ବୟସ ବେଳକୁ ସେ ପ୍ରାୟ ପୂର୍ଣ୍ଣତଃ ଦୃଷ୍ଟିହୀନ ହୋଇଗଲେ। ତାଙ୍କ ବିଷୟରେ ଏକ କିମ୍ବଦନ୍ତୀ ପ୍ରସିଦ୍ଧ। କୁହାଯାଏ ଯେ ତାଙ୍କର ଦାମ୍ପତ୍ୟ ଜୀବନ ଦୁଃଖମୟ ଥିଲା। ତାଙ୍କ ପତ୍ନୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ତ ଥିଲେ; କିନ୍ତୁ ଦୁର୍ଭାଗ୍ୟବଶତଃ ଅତ୍ୟନ୍ତ ମୁଖରା ସ୍ୱଭାବର ଥିଲେ। ଥରେ ମିଲ୍ଟନ୍‌ଙ୍କର ଜଣେ ବନ୍ଧୁ ତାଙ୍କୁ ତାଙ୍କ ପତ୍ନୀଙ୍କ ବିଷୟରେ ପ୍ରଶଂସା କରି କହିଲେ — 'ତୁମ ପତ୍ନୀ ସଜଫୁଟା ଗୋଲାପ ଭଳି ସୁନ୍ଦର।' ମିଲ୍ଟନ୍ ସ୍ମିତ ହସି କହିଲେ— 'ମୁଁ ଏକଥା ଭଲ ଭାବେ ଜାଣିଛି ଯେ ମୋ ପତ୍ନୀ ଗୋଟିଏ ଗୋଲାପ ଫୁଲ ତ ନୁହନ୍ତି, ବରଂ ସିଏ ପୂରା ଗୋଟିଏ ଗୋଲାପ ଗଛ। କାରଣ ମୁଁ ଗୋଲାପର ସୌନ୍ଦର୍ଯ୍ୟ ସିନା ଦେଖିପାରୁନି, କିନ୍ତୁ ତା'ର କଣ୍ଟାର ଅନୁଭବ ଦିନରାତି କରୁଛି।'

ଗ୍ରୀସ୍‌ର ମହାନ୍ ଦାର୍ଶନିକ ସକ୍ରେଟିସ୍‌ଙ୍କୁ ଆମେ ଜାଣିଛେ। ସେ ବହୁତ ପ୍ରସିଦ୍ଧ ଥିଲେ। ଲୋକେ ତାଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ସେ ଅତ୍ୟନ୍ତ ଶାନ୍ତ, ସରଳ, ସହନଶୀଳ ଓ ବିନମ୍ର ସ୍ୱଭାବର ବ୍ୟକ୍ତି ଥିଲେ। କିନ୍ତୁ ତାଙ୍କ ପତ୍ନୀ ଅତ୍ୟନ୍ତ କ୍ରୋଧିନୀ ତଥା କଳହପ୍ରିୟା ଥିଲେ। ସିଏ ସକ୍ରେଟିସ୍‌ଙ୍କ ସହ ଛୋଟ-ଛୋଟ କଥାରେ ପ୍ରାୟତଃ ଝଗଡ଼ା କରୁଥିଲେ। କିନ୍ତୁ ସକ୍ରେଟିସ୍ ସର୍ବଦା ଶାନ୍ତ ରହୁଥିଲେ। ସକ୍ରେଟିସ୍ ସଦା ଶାସ୍ତ୍ରାଧ୍ୟୟନ ଓ ଶାସ୍ତ୍ରଚର୍ଚ୍ଚାରେ ସଂଲଗ୍ନ ରହିବା ତାଙ୍କ ପତ୍ନୀଙ୍କ ଦେହରେ ଯାଉ ନ ଥିଲା।

ଦିନେ ସକ୍ରେଟିସ୍ ଶିଷ୍ୟମାନଙ୍କ ସହ ଘର ବାରଣ୍ଡାରେ କୌଣସି ମହତ୍ତ୍ୱପୂର୍ଣ୍ଣ ଦାର୍ଶନିକ ଆଲୋଚନାରେ ମଗ୍ନ ଥିଲେ। ସକ୍ରେଟିସ୍ ନିଜ ବିଚାର ଶୁଣାଉଥିଲେ ଓ ଶିଷ୍ୟମାନେ ମନ ଦେଇ ଶୁଣୁଥିଲେ। ପତ୍ନୀ ଘର ଭିତରୁ କୌଣସି ବିଷୟରେ ସକ୍ରେଟିସ୍‌ଙ୍କୁ କିଛି କହିଲେ। କିନ୍ତୁ ସକ୍ରେଟିସ୍ ଦାର୍ଶନିକ ଚର୍ଚ୍ଚାରେ ଏପରି ମଜ୍ଜିଯାଇଥିଲେ ଯେ ପତ୍ନୀଙ୍କ କଥା ଶୁଣିପାରିଲେ ନାହିଁ। ଏହା ଦେଖି ପତ୍ନୀଙ୍କୁ ରାଗ ଲାଗିଲା। ସିଏ ସମସ୍ତଙ୍କ ଆଗରେ ହିଁ ସକ୍ରେଟିସ୍‌ଙ୍କୁ ବଡ଼ପାଟିରେ ଗାଳି ଦେବାକୁ ଲାଗିଲେ। ସେତିକିରେ ବି ସକ୍ରେଟିସ୍ କୌଣସି ପ୍ରତ୍ୟୁତ୍ତର ଦେଲେ ନାହିଁ। ଶାନ୍ତ-ନିର୍ବିକାର ମନରେ ନିଜ ଚର୍ଚ୍ଚାରେ ସଂଲଗ୍ନ ରହିଲେ। ଏହା ଦେଖି ପତ୍ନୀଙ୍କ୍ ରାଗ ପଞ୍ଚମକୁ ବଢ଼ିଗଲା। ସେ ରାଗରେ ଅଳିଆ-ଆବର୍ଜନା ପାଣି ବାଲ୍‌ଟିଏ ଆଣି ସକ୍ରେଟିସ୍‌ଙ୍କ ମୁଣ୍ଡରେ ଢାଳି ଦେଲେ। ଏହା ଦେଖି ଶିଷ୍ୟମାନଙ୍କୁ ବହୁତ ଖରାପ ଲାଗିଲା। କିନ୍ତୁ ସକ୍ରେଟିସ୍ ସହଜ-ସରଳ ଭାବେ ସ୍ମିତହାସ୍ୟ ପୂର୍ବକ କହିଲେ— "ଯାହା ହେଉ, ଆଜି ଗୋଟିଏ ପ୍ରସିଦ୍ଧ କଥା ଭୁଲ୍ ପ୍ରମାଣିତ ହୋଇଗଲା। ଲୋକେ କହୁଥିଲେ କି, 'ଗରଜିଲା ମେଘ ବରଷେ ନାହିଁ।' କିନ୍ତୁ ଆଜି ପ୍ରମାଣିତ ହୋଇଗଲା ଯେ 'ଗରଜିଲା ମେଘ ମଧ କେବେ-କେବେ ବରଷେ।'

ବେଦରେ ତ ଗୃହିଣୀକୁ ମଧୁରଭାଷିଣୀ, ପ୍ରିୟବାଦିନୀ ଓ ବ୍ୟବହାରକୁଶଳ ହେବା ପାଇଁ ପରାମର୍ଶ ଦିଆଯାଇଛି ଯଦ୍ଦ୍ୱାରା କି ଗୃହର ବାତାବରଣ ଶାନ୍ତ ରହିବ ଓ ତାଙ୍କ ଦ୍ୱାରା ସମସ୍ତେ ସୁଖୀ ହେବେ। ଆଉ ଯଦି ପତ୍ନୀ କ୍ରୋଧିନୀ, ମୁଖରା, କଳହପ୍ରିୟା, କଠୋରଭାଷିଣୀ, ଜ୍ୱାଳାମୁଖୀ ହୁଅନ୍ତି, ହୁଏତ ବିଚରା ସ୍ୱାମୀଙ୍କୁ ଅନନ୍ୟୋପାୟ ହୋଇ ବୈରାଗୀ ଓ ଦାର୍ଶନିକ ହୋଇ ଘର-ଦ୍ୱାର ତ୍ୟାଗ କରିବାର ଚିନ୍ତା କରିବାକୁ ପଡ଼ିବ।

**୨. ରନ୍ତା —** 'ରନ୍ତା'ର ଅର୍ଥ ରମଣୀୟା, ଆକର୍ଷଣୀୟା। କେବଳ ବାହ୍ୟ ରୂପ-ସୌନ୍ଦର୍ଯ୍ୟ ହିଁ ରମଣୀୟତା, ଆକର୍ଷଣର ଆଧାର ନୁହେଁ। ଚାଲି-ଚଳଣ, ଆଚାର-ବ୍ୟବହାର, କାର୍ଯ୍ୟକଳାପ ସୁନ୍ଦର-ଶୋଭନୀୟ ହେଲେ ବି ବ୍ୟକ୍ତି ରମଣୀୟ, ଆକର୍ଷଣୀୟ ହୋଇଥାଏ। ବାହ୍ୟ ସୌନ୍ଦର୍ଯ୍ୟ ଅପେକ୍ଷା ଆକର୍ଷଣୀୟ ବ୍ୟକ୍ତିତ୍ୱର ଆକର୍ଷଣ ସ୍ଥାୟୀ ହୋଇଥାଏ। ଅତଃ ବାହ୍ୟ ସୌନ୍ଦର୍ଯ୍ୟ ଅପେକ୍ଷା ଆନ୍ତରିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ନାରୀ ଅଧିକ ଧ୍ୟାନ ଦେବା ଆବଶ୍ୟକ। ନିଜ ଅନ୍ତରକୁ ସୁନ୍ଦର କରିବା ସହ ଗୃହର ପରିବେଶକୁ ରମଣୀୟ, ଆକର୍ଷଣୀୟ କରିବା ମଧ୍ୟ ଗୃହିଣୀର ଦାୟିତ୍ୱ। ଗୃହକୁ ସୁନ୍ଦର, ଆକର୍ଷଣୀୟ କରିବା ପାଇଁ ଅଧିକ ପଇସା ଖର୍ଚ୍ଚ କରିବାକୁ ହିଁ ପଡ଼ିବ, ଦାମୀ ଆସବାବପତ୍ର, ଗୃହପୋକରଣ କିଣି ଆଣି ରଖିବାକୁ ପଡ଼ିବ, ତାହା ନୁହେଁ। ସାଜସଜ୍ଜାନିପୁଣା ଗୃହିଣୀ ଗୃହର ପ୍ରତ୍ୟେକ ବସ୍ତୁକୁ ସ୍ୱ-ସ୍ୱ ସ୍ଥାନରେ ସୁନ୍ଦର, ବ୍ୟବସ୍ଥିତ ରୂପେ ସ୍ଥାନିତ କରି ସାଧାସିଧା ଉପକରଣ ଦ୍ୱାରା ମଧ୍ୟ ଗୃହକୁ ଶୋଭନୀୟ, ଆକର୍ଷଣୀୟ କରିଦେଇଥାଏ ଏବଂ ଏଥିପାଇଁ ସେ ଅନ୍ୟମାନଙ୍କ ଆକର୍ଷଣର, ଶ୍ରଦ୍ଧାର କେନ୍ଦ୍ର ହୋଇଯାଏ।

**୩. ହବ୍ୟା— 'ହୁ ଦାନାଦନୟୋଃ'** ଧାତୁରୁ 'ହବ୍ୟ' ଶବ୍ଦ ନିଷ୍ପନ୍ନ। ହବ୍ୟା ଶବ୍ଦର ଅର୍ଥ ହବନୀୟା, ହବନଯୋଗ୍ୟା। ହବ୍ୟ ତାକୁ କୁହାଯାଏ ଯାହା ଉତ୍କୃଷ୍ଟ ଗୁଣସମ୍ପନ୍ନ ହୋଇଥାଏ ତଥା ଅନ୍ୟର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରେ। ନାରୀଟିଏ ପତ୍ନୀ, ବଧୂ, ମାତା ଆଦିର ଭୂମିକାରେ ଆତ୍ମୋତ୍ସର୍ଗ କରେ, ପରିବାର-ପରିଜନଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ଆତ୍ମତୃପ୍ତି ଲାଭ କରେ। ଗୃହିଣୀ ନିଜ ସ୍ୱାର୍ଥ ଅପେକ୍ଷା ପରିବାରର ଅନ୍ୟ ସଦସ୍ୟଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଏ। ପରିବାରର ଅନ୍ୟ ସଦସ୍ୟମାନେ ଭୋଜନ କରିସାରିଥିବା ପରେ ଯଦି ହଠାତ୍ ଅତିଥିଙ୍କ ଆଗମନ ହୁଏ ତେବେ ଗୃହିଣୀ ନିଜ ଭାଗର ଥିବା ଭୋଜନରେ ଅତିଥିଙ୍କୁ ଭୋଜନ କରାଏ ବିନା ଅପ୍ରସନ୍ନତାରେ। ବଧୂ ରୂପେ ନିଜର ଖାଇବା-ପିନ୍ଧିବା, ନାଇବା ଅପେକ୍ଷା ଶାଶୂ-ନଣନ୍ଦଙ୍କ ଆବଶ୍ୟକତା ପୂରଣ କରିବାକୁ ନିଜ ଧର୍ମ ମନେକରି ତାକୁ ଅଗ୍ରାଧିକାର ଦିଏ। ମାତା ରୂପେ ସନ୍ତାନଙ୍କ ଲାଳନ-ପାଳନ ପୋଷଣ ପାଇଁ ନିଜ ସୁଖ-ସୁବିଧାକୁ ଜଳାଞ୍ଜଳି ଦିଏ।

**୪. କାମ୍ୟା— 'କମୁ କାନ୍ତୌ'** ଧାତୁରୁ 'କାମ୍ୟା' ଶବ୍ଦର ଉତ୍ପତ୍ତି। କାମ୍ୟା ଅର୍ଥାତ୍ କମନୀୟା, ବାଞ୍ଛନୀୟା। ଚାଲି-ଚଳଣ, ଆଚରଣ-ଉଚ୍ଚାରଣ ସବୁ ସୁନ୍ଦର, ଶୋଭନୀୟ, ମାର୍ଜିତ, ଭଦ୍ର ହେବା ଯୋଗୁଁ ନାରୀ ବ୍ୟକ୍ତି-ପରିବାର-ସମାଜର କାମ୍ୟା। ତା'ର ସ୍ୱଭାବ ଆକର୍ଷକ ଓ ମୋହକ। ସେ ବାତ୍ସଲ୍ୟ ରସର ଭଣ୍ଡାର ହୋଇଥିବାରୁ ସନ୍ତାନ ମାଆକୁ ଚାହେଁ। ସ୍ନେହ, ପ୍ରେମ, ପ୍ରୀତି, ପ୍ରେରଣା, ସହଯୋଗର ପ୍ରତିମୂର୍ତ୍ତି ହୋଇଥିବା ହେତୁ ସ୍ୱାମୀ ତାକୁ ସଦା ସହଯୋଗିନୀ, ସହଧର୍ମିଣୀ ରୂପେ କାମନା କରନ୍ତି। ପରିବାରର ସମସ୍ତଙ୍କ ମନର କଥା ବୁଝି ଯଥାଯୋଗ୍ୟ, ଧର୍ମସଂଗତ ରୂପେ ସମସ୍ତଙ୍କ ଅବଶ୍ୟକତା ପୂରଣ କରିବା ପାଇଁ ତତ୍ପର ଥିବା କାରଣରୁ ସମସ୍ତେ ତାକୁ ଚାହାନ୍ତି। କେବଳ ପରିବାରର ସଦସ୍ୟ ନୁହନ୍ତି, ସେ କରୁଣାମୟୀ ହୋଇଥିବାରୁ ଦୁଃଖୀ-ରଙ୍କୀ, ଯୋଗୀ-ଭିକାରୀ ମଧ୍ୟ ଗୃହକର୍ତ୍ତ୍ରୀଙ୍କୁ ହିଁ ଖୋଜନ୍ତି ଭିକ୍ଷା ମୁଠେ ପାଇଁ।

**୫. ଚନ୍ଦ୍ରା— 'ଚଦି ଆହ୍ଲାଦନେ ଦୀପ୍ତୌ ଚ'** ଧାତୁରୁ 'ଚନ୍ଦ୍ରା' ଶବ୍ଦ ନିଷ୍ପନ୍ନ। ଚନ୍ଦ୍ରା ଶବ୍ଦର ଅର୍ଥ ଆହ୍ଲାଦଦାୟିନୀ ଓ ଦୀପ୍ତିମୟୀ। ଆମେ ପୂର୍ଣ୍ଣିମାର ଚନ୍ଦ୍ର ଦେଖୁ। ଚନ୍ଦ୍ରମା ଯେପରି ମନକୁ ଆହ୍ଲାଦ ଦିଏ ନାରୀର ଉପସ୍ଥିତି ପରିବେଶକୁ ସେପରି ଉଲ୍ଲାସମୟ କରେ। ଚନ୍ଦ୍ରମାର ଶାନ୍ତ-ଶୀତଳ ଜ୍ୟୋତ୍ସ୍ନା ଆନନ୍ଦ ପ୍ରଦାନ କରିବା ଭଳି ନାରୀର ସ୍ନେହ-ପ୍ରୀତିପୂର୍ଣ୍ଣ ସ୍ନିଗ୍ଧ-ମଧୁର ସ୍ୱଭାବ ତା' ସମ୍ପର୍କରେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ଶୀତଳତା ପ୍ରଦାନ କରିବା ବାଞ୍ଛନୀୟ।

ବ୍ୟକ୍ତି ଗୃହସ୍ଥ କାହିଁକି ହୁଏ ? ସେ ବିଚାର କରେ ଯେ ବାହାରେ କାର୍ଯ୍ୟ କରିବା ସମୟରେ ଯେଉଁ ସଂଘର୍ଷ, ଅଶାନ୍ତି, ଚାପ ଭିତରେ ତାକୁ ରହିବାକୁ ହେଉଛି, ଘରକୁ ଫେରିଆସି ସେଥିରୁ ସେ ମୁକ୍ତି ପାଇବ, ଶାନ୍ତି ପାଇବ। କାରଣ ତା' ମନକୁ ଚାପମୁକ୍ତ କରିବା, ତା' ସୁଖ-ଦୁଃଖରେ ସହଭାଗୀ ହେବା, ଶାନ୍ତିରେ ଦୁଇ ପଦ କଥା ତା' ସହ ହେବା ପାଇଁ ପତ୍ନୀ ରୂପରେ ଜଣେ ତ ତା' ପାଇଁ ଅଛି- ଏଇ ଆଶାରେ। ଅଥର୍ବ ବେଦରେ କୁହାଯାଇଛି— **'ଜାୟା ପତ୍ୟେ**

**ମଧୁମତୀଂ ବାଚଂ ବଦତୁ ଶାନ୍ତିବାମ୍'** (ଅଥର୍ବ. ୩:୩୦:୨) — ପତ୍ନୀ ପତିଙ୍କୁ ମଧୁର ଓ ଶାନ୍ତିପ୍ରଦ କଥା କହନ୍ତୁ। ବିଧାତାଙ୍କ ସୃଷ୍ଟିରେ ପୁରୁଷର ସ୍ୱଭାବ କଠୋର ତ ନାରୀର ସ୍ୱଭାବ କୋମଳ ହୋଇଥାଏ। ପୁରୁଷ ଦାନ୍ତ ହେଲେ ନାରୀ ଜିଭ ଭଳି। ଉଭୟଙ୍କର ମହତ୍ତ୍ୱ ଓ ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ଆମ ଶରୀରରେ କଠୋର ହାଡ଼ ସାଙ୍ଗକୁ କୋମଳ ମାଂସପେଶୀ ବି ଅଛି। କଠୋର ଯନ୍ତ୍ରାଂଶକୁ ଘର୍ଷଣରୁ ରକ୍ଷା କରି ସୁଗମ ରୂପେ ଚଳାଇବାରେ ତୈଳର ଯେଉଁ ଭୂମିକା ଥାଏ ଗୃହକୁ ସୁଚାରୁ ରୂପେ ପରିଚାଳନା କରିବାରେ ନାରୀର ସ୍ନିଗ୍ଧ ବ୍ୟବହାରର ସେହି ଭୂମିକା।

ଚନ୍ଦ୍ରର ବିମଳ ଜ୍ୟୋତ୍ସ୍ନା ଭଳି ଅମଳ-ଧବଳ ଚରିତ୍ର ମଧ୍ୟ ନାରୀର ଶ୍ରେଷ୍ଠତ୍ୱର ନିଦର୍ଶନ। ଏକଥା ଉତ୍କଳଭାରତୀ କୁନ୍ତଳାକୁମାରୀ ସାବତ କାମିନୀ ପୁଷ୍ପକୁ ସମ୍ବୋଧନ କରି ବଡ଼ ସୁନ୍ଦର ଭାବେ ଲେଖିଛନ୍ତି—

କେତେ ଥର ଭାବେ ତୋତେ କାମିନୀ ସୁନ୍ଦରି !
ଜଗତରେ ନାରୀତ୍ୱର ତୁହି ନିଦର୍ଶନ,
ନାରୀର ସୌନ୍ଦର୍ଯ୍ୟ ଲଜ୍ଜା, କୋମଳତା ଶିରୀ,
ଶୁଭ୍ର ପବିତ୍ରତା ତା'ର ଜୀବନ ରତନ।
ଲୁଚି ପତ୍ର ଅନ୍ତରାଳେ ବାସ ବିତରଣେ
ଶିଖାଉ କି ରମଣୀର ଗୃହଧର୍ମନୀତି,
ସଂସାର-ଆଶ୍ରମେ ନାରୀ କର୍ତ୍ତବ୍ୟ ସାଧନେ
ଲଭଇ କଲ୍ୟାଣ ଚିର ପବିତ୍ର କୀରତି ॥
(କାମିନୀ ପ୍ରତି)

ସିଏ କାମିନୀ ପୁଷ୍ପକୁ କହୁଛନ୍ତି— 'ତୁମେ ଲତା ଅନ୍ତରାଳରେ ତ ଅଛ, ଦେଖାଯାଉନାହଁ; କିନ୍ତୁ ତୁମର ସୁବାସ-ସୌରଭ ଜଗତକୁ ଆମୋଦିତ କରୁଛି।' ଆଗ କାଳରେ ନବବଧୂର ମୁଖ ତ ବାହାର ଲୋକେ ବହୁ ଦିନ ପର୍ଯ୍ୟନ୍ତ ଦେଖିପାରୁନଥିଲେ; କିନ୍ତୁ ତା' ପାଖରେ ଥିବା ଉତ୍ତମ, ବିଶେଷ ଗୁଣ-କର୍ମ-ସ୍ୱଭାବ, ସେବା-ସଂଯମ, ପବିତ୍ରତା-ଆତ୍ମୀୟତାର ପ୍ରଶଂସା ସର୍ବତ୍ର ହେଉଥିଲା। ନାରୀର ଅଙ୍ଗସୌଷ୍ଠବର ପ୍ରଦର୍ଶନ ସମାଜକୁ ସାତ୍ତ୍ୱିକ ଆନନ୍ଦ ଦିଏ ନାହିଁ, ବରଂ ବିପଥଗାମୀ କରେ। ତା'ର ସଦ୍‌ଗୁଣାବଳିର ପ୍ରକାଶ ସାତ୍ତ୍ୱିକ ଆହ୍ଲାଦ ଦିଏ ଓ ସମାଜକୁ ସୁପଥଗାମୀ କରେ।

**୬. ଜ୍ୟୋତି** — ଜ୍ୟୋତିର୍ମୟୀ, ପ୍ରକାଶିକା। ଆତ୍ମଜ୍ୟୋତିରେ ସଦା ପ୍ରକାଶିତା। ଈଶ୍ୱରଙ୍କ ଉପାସନା, ଧର୍ମାଚରଣ ଆଦି ଦ୍ୱାରା ବ୍ୟକ୍ତିର ଆତ୍ମଜ୍ୟୋତି ଉଦ୍ଦୀପ୍ତ ହୁଏ। ନାରୀ ସଦା ଧର୍ମାଚରଣରେ ସଂଲଗ୍ନ ରହି ଅନ୍ତର୍ଜ୍ୟୋତିକୁ ପ୍ରଦୀପ୍ତ କରେ। ଜ୍ୟୋତିର କାର୍ଯ୍ୟ ହେଲା ସ୍ୱୟଂ ପ୍ରକାଶିତ ହେବା ସହ ଅନ୍ୟ ପଦାର୍ଥକୁ ପ୍ରକାଶିତ କରିବା। ନାରୀ ପ୍ରଦୀପ ସଦୃଶ ଗୃହକୁ ଓ ପରିବାରକୁ ପ୍ରକାଶିତ କରେ। ଗୃହିଣୀଙ୍କ ଦାୟିତ୍ୱ ହେଲା ଗୃହର ସଦସ୍ୟମାନେ ଯେପରି ଧାର୍ମିକ, ଆସ୍ତିକ, ସଦାଚାରୀ ହେବେ ସେଥିପ୍ରତି ସମୁଚିତ ଧ୍ୟାନ ଦେବା। ଗୃହରେ ଯେପରି ପ୍ରତ୍ୟହ ଈଶ୍ୱର-ଉପାସନା ହେବ ତଥା ସଦସ୍ୟମାନେ ସେଥିପ୍ରତି ଯେମିତି ଶ୍ରଦ୍ଧାଳୁ, ନିଷ୍ଠାବାନ୍ ହେବେ ତାହାର ଉପାୟ କରିବା ଗୃହିଣୀଙ୍କ ପ୍ରମୁଖ କର୍ତ୍ତବ୍ୟ।

ନାରୀ ଜ୍ଞାନର ପ୍ରକାଶିକା ହେବା ଉଚିତ; ଅଜ୍ଞାନ, ଅନ୍ଧବିଶ୍ୱାସ, କୁସଂସ୍କାର, ପାଖଣ୍ଡର ପ୍ରକାଶିକା ନୁହେଁ। ଆଜିକାଲି ଆମେ ଦେଖିବାକୁ ପାଉଛେ ଯେ ସଂସାରରେ ଯେତେ ଅବିଦ୍ୟା, ଅନ୍ଧବିଶ୍ୱାସ, ପାଖଣ୍ଡ, କୁସଂସ୍କାର ପ୍ରସାର ଲାଭ କରୁଛି, ସେସବୁକୁ ପ୍ରସାର କରିବାରେ ମହିଳାମାନଙ୍କର ମହତୀ ଭୂମିକା ରହୁଛି। ଅମୁକ ଜାଗାରେ ଅମୁକ ପ୍ରତ୍ୟକ୍ଷ ଠାକୁର ଫୁଟି ବାହାରିଛନ୍ତି, ଅମୁକ ବ୍ରତ କଲେ ଯାହା ଚାହିଁଲେ ତାହା ମିଳୁଛି, ଏଇଆ ମାନସିକ କଲେ ସେଇଆ ମିଳିବ, ଅମୁକ ଠାକୁର-ଠାକୁରାଣୀଙ୍କୁ ନ ମାନିଲେ, ସେମାନଙ୍କ ଓଷା-ବ୍ରତ-ପୂଜା ନ କଲେ ଏତେ ବଡ଼ ହାନି ହେବ ଇତ୍ୟାଦି ଭ୍ରାନ୍ତିକୁ ପ୍ରସାର କରିବାରେ ମହିଳାମାନେ ଆଗରେ ରହୁଛନ୍ତି। ଏସବୁ ତ ଅନ୍ଧକାରର ପ୍ରସାର। ଏସବୁ କାର୍ଯ୍ୟ ସେମାନଙ୍କ 'ଜ୍ୟୋତି' ନାମର ବିରୁଦ୍ଧାଚରଣ।

**୭. ଅଦିତି — 'ଦୋ ଅବଖଣ୍ଡନେ'** ଧାତୁରୁ ଦିତି ଓ ଅଦିତି ଶବ୍ଦ ନିଷ୍ପନ୍ନ। ଦିତିର ଅର୍ଥ ଖଣ୍ଡ-ଖଣ୍ଡ କରିବା। ଅଦିତିର ଅର୍ଥ ଅଖଣ୍ଡନୀୟା, ଅବିନାଶିନୀ। ସନ୍ତାନ ଜନ୍ମ ଦେଇ ନାରୀ କୁଳ-ବଂଶ ପରମ୍ପରାକୁ ଅଖଣ୍ଡ ରଖେ। ଯିଏ ପରିବାରକୁ

ଖଣ୍ଡ-ଖଣ୍ଡ କରେନି, ବରଂ ବାନ୍ଧିକି, ଏକାଠି କରି ରଖେ ସିଏ ଅଦିତି। ଯିଏ ବାପା-ମାଆଙ୍କଠାରୁ ପୁଅକୁ, ଭାଇ-ଭଉଣୀଙ୍କ ଠାରୁ ଭାଇକୁ ଅଲଗା କରେ ନାହିଁ; ବରଂ ପଥର, ଇଟା, ବାଲି, ଛଡ଼ ଇତ୍ୟାଦିକୁ ସିମେଣ୍ଟ ଯୋଡ଼ିବା ଭଳି ଯିଏ ପରିବାରକୁ ସୁଦୃଢ଼ ବନ୍ଧନରେ ଯୋଡ଼ିକି ରଖେ ସିଏ 'ଅଦିତି'। ବୋହୂଟିଏ ଶାଶୂଘରେ ପାଦ ଦେଉଦେଉ ଯଦି ପରିବାରକୁ ଖଣ୍ଡ-ଖଣ୍ଡ, ଛିନ୍ନ-ଭିନ୍ନ କରିବାକୁ ଆରମ୍ଭ କରିଦେଲା ତେବେ ସେ ତା'ର ଅଦିତି ନାମର ବିରୁଦ୍ଧ ଆଚରଣ କଲା। ତାକୁ ଅଦିତି କୁହାଯାଇପାରିବ ନାହିଁ। ଯିଏ ଭାବେ ଯେ ପରିବାର ବୋଇଲେ କେବଳ ମୋ ସ୍ୱାମୀ, ମୁଁ ଓ ମୋର ସନ୍ତାନ ଏବଂ ଏତିକିଙ୍କୁ ନେଇ ଅଲଗା ରହିବାର କାମ ଯିଏ କରେ ସିଏ ଅଦିତି ନୁହେଁ।

**୮. ସରସ୍ୱତୀ—** ସରସ୍ୱତୀର ଅର୍ଥ ଜ୍ଞାନବତୀ। ମାତା ସନ୍ତାନର ପ୍ରଥମ ଗୁରୁ। ମାତା ଯେତିକି ବିଦୁଷୀ ହେବ ସନ୍ତାନର ଶିକ୍ଷା-ଦୀକ୍ଷା ସେତେ ଭଲ କରିପାରିବ। ପତ୍ନୀ ରୂପେ ପତିଙ୍କୁ ବିବିଧ ସମସ୍ୟା-ସମାଧାନରେ ସହଯୋଗ କରିବା ମଧ୍ୟ ତା'ର ଧର୍ମ। ସେହିପରି ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଉଚିତ ସମୟରେ ଉଚିତ ପରାମର୍ଶ ଦେବା, ମାର୍ଗଦର୍ଶନ କରାଇବା ପାଇଁ ନାରୀ ସରସ୍ୱତୀ, ଜ୍ଞାନବତୀ, ବିଦୁଷୀ ହେବା ଆବଶ୍ୟକ। ଏଥିପାଇଁ ସ୍ୱାଧ୍ୟାୟ ସହ ନିରନ୍ତର ସମ୍ପର୍କ ରହିବା ଆବଶ୍ୟକ। ମାତା ସ୍ୱାଧ୍ୟାୟ କରୁଥିବା ଦେଖିଲେ ସନ୍ତାନ ଭିତରେ ମଧ୍ୟ ପଢ଼ିବା, ଜ୍ଞାନାର୍ଜନ କରିବାର ଇଚ୍ଛା, ଭାବନା ଜାଗ୍ରତ ହୁଏ।

ଆଜି ସଂସାରରେ ଆମେ ଦେଖୁ ଯେ ଘରେ-ଘରେ ଧର୍ମ ନାମରେ ଅନ୍ଧବିଶ୍ୱାସ, କୁସଂସ୍କାର, ପାଖଣ୍ଡର ରାଜତ୍ୱ। ଏଣୁ ସନ୍ତାନମାନେ ମୂଳରୁ ଏସବୁରେ ସଂକ୍ରମିତ ହେଉଛନ୍ତି ଏବଂ ସେମାନଙ୍କ ଆତ୍ମବିଶ୍ୱାସ କମିଯାଉଛି। ଧର୍ମ ସମ୍ବନ୍ଧୀୟ ଉଚିତ ଜ୍ଞାନର, ତାର୍କିକତାର ଅଭାବ, ଯୋଗୁଁ ଧର୍ମ ନାମରେ ଯାହା ଯେଉଁଠି ଶୁଣାଯାଉଛି, କୁହାଯାଉଛି ତାକୁ ଅନ୍ଧ ଭାବେ ସ୍ୱୀକାର କରିନିଆଯାଉଛି। ବେଦ ତଥା ବେଦାନୁକୂଳ ଆର୍ଷ ସାହିତ୍ୟର ସ୍ୱାଧ୍ୟାୟ ନିୟମିତ କଲେ ଆମ ଭିତରେ ଦୀର୍ଘ ଦିନରୁ ବସାବାନ୍ଧି ରହିଥିବା ଅଜ୍ଞାନ ଦୂର ହେବ। ଅତଃ ପ୍ରତ୍ୟେକ ଗୃହିଣୀ ପ୍ରତିଦିନ ସଦ୍‌ଗ୍ରନ୍ଥ ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ।

**୯. ମହୀ —** ମହୀ ଅର୍ଥ ମହତୀ, ମହିମାମୟୀ। ମହାନ୍ ଗୁଣର ଅଧିକାରିଣୀ ହୋଇଥିବାରୁ ନାରୀକୁ ମହୀ କୁହାଯାଏ। ପୃଥିବୀକୁ ମଧ୍ୟ ମହୀ କୁହାଯାଏ। କାରଣ ପୃଥିବୀର ଉଦାରତା ଆଦି ମହାନ୍ ଗୁଣ ଅଛି। ପୃଥିବୀରୁ ସକଳ ପ୍ରାଣୀଙ୍କୁ ଭୋଜନ-ଆଶ୍ରୟ ମିଳେ। ସେଭଳି ଗୃହକୁ ଆଗତ ସାଧୁ, ସନ୍ଥ, ବିଦ୍ୱାନ୍, ଧର୍ମାତ୍ମା, ପରୋପକାରୀ ଅତିଥି-ଅଭ୍ୟାଗତ ଆଦିଙ୍କୁ ଉଦାରତା ପୂର୍ବକ ଯଥାଶକ୍ତି ଭୋଜନ-ଆଶ୍ରୟ ଦେବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରି ଗୃହିଣୀ ମହୀ ନାମକୁ ସାର୍ଥକ କରେ। କେବଳ ଅତିଥି ଯଜ୍ଞରେ ନୁହେଁ ଶାଶୂ-ଶ୍ୱଶୁର ଆଦିଙ୍କ ଯଥୋଚିତ ଆଦର-ସତ୍କାର, ସେବା-ଶୁଶ୍ରୂଷା କରିବା ରୂପକ ପିତୃଯଜ୍ଞରେ ଏବଂ ଅନ୍ୟ ଉପକାରୀ ପ୍ରାଣୀମାନଙ୍କୁ କୃତଜ୍ଞତା ପ୍ରଦର୍ଶନ ନିମିତ୍ତ ପ୍ରତ୍ୟହ ରୋଷେଇ ପରେ ପ୍ରସ୍ତୁତ ଖାଦ୍ୟରୁ କିଛି ଖାଦ୍ୟ ଅର୍ପଣ କରିବା ରୂପକ ବଳିବୈଶ୍ୱଦେବ ଯଜ୍ଞରେ ମଧ୍ୟ ସିଏ ହିଁ ପ୍ରମୁଖ ଦାୟିତ୍ୱ ନିର୍ବାହ କରେ। ପୃଥିବୀ ସର୍ବଂସହା। ନାରୀ ମଧ୍ୟ ସର୍ବଂସହା।

**୧୦. ବିଶ୍ରୁତି —** ବିଶ୍ରୁତି ଅର୍ଥାତ୍ କୀର୍ତ୍ତିମୟୀ। ନାରୀର ପ୍ରତ୍ୟେକ ଗତି ଓ କ୍ରିୟା କୀର୍ତ୍ତିଦାୟକ ହେବା ଆବଶ୍ୟକ, ଅପକୀର୍ତ୍ତିଦାୟକ ନୁହେଁ। ଶୂର-ବୀର ପ୍ରସବିନୀ ହୋଇ, ସଂସ୍କାରୀ ସନ୍ତାନ ସମାଜକୁ ଦେଇ ସେ ଯଶସ୍ୱିନୀ ହୁଏ। କୌଶଲ୍ୟା, ସୀତା, ମଦାଳସା, ବିଦୁଳା, ଜୀବାବାଈ ପ୍ରମୁଖ ଶୂର-ବୀର, ଦେଶ-ଧର୍ମ ରକ୍ଷକ ଉତ୍ତମ ସନ୍ତାନ ଦେଇ ଆଜି ସୁଦ୍ଧା ସମାଜରେ ବନ୍ଦନୀୟା, ଅମର ହୋଇ ରହିଛନ୍ତି।

କ୍ରମଶଃ...

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ବିଷ୍ଣୁଙ୍କ କର୍ମ ଦେଖ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ବିଷ୍ଣୋଃ କର୍ମାଣି ପଶ୍ୟତ ୟତୋ ବ୍ରତାନି ପସ୍ପଶେ ।**
**ଇନ୍ଦ୍ରସ୍ୟ ୟୁଜ୍ୟଃ ସଖା ॥** (ଋକ୍. ୧:୨୨:୧୯)

**ଅନ୍ୱୟ —** (ହେ ମନୁଷ୍ୟାଃ ! ୟୂୟମ୍) ବିଷ୍ଣୋଃ କର୍ମାଣି ପଶ୍ୟତ । ୟତଃ ବ୍ରତାନି ପସ୍ପଶେ । ଇନ୍ଦ୍ରସ୍ୟ ୟୁଜ୍ୟଃ ସଖା ।

**ଅର୍ଥ —** ହେ ମନୁଷ୍ୟଗଣ ! **(ବିଷ୍ଣୋଃ)** ବିଷ୍ଣୁଙ୍କ **(କର୍ମାଣି)** କର୍ମଗୁଡ଼ିକୁ **(ପଶ୍ୟତ)** ଦେଖ, **(ୟତଃ)** ଯଦ୍ୱାରା (ଯେଉଁ କର୍ମଗୁଡ଼ିକୁ ଦେଖି, ଯାହାର ଜ୍ଞାନ ଦ୍ୱାରା, ଯାହାର ସହାୟତାରେ) ମଣିଷ ନିଜ **(ବ୍ରତାନି)** ବ୍ରତଗୁଡ଼ିକୁ **(ପସ୍ପଶେ)** ପାଳନ କରିବାରେ ସଫଳ, ସମର୍ଥ ହୋଇଥାଏ । ବିଷ୍ଣୁ **(ଇନ୍ଦ୍ରସ୍ୟ)** ଇନ୍ଦ୍ରର **(ୟୁଜ୍ୟଃ)** ଯୋଗ୍ୟତମ **(ସଖା)** ସଖା ।

**ବ୍ୟାଖ୍ୟା —** ମନ୍ତ୍ରର ଶବ୍ଦାର୍ଥ ଅତି ସରଳ ଓ ସିଧା । ଏହାକୁ ଆମେ ନିମ୍ନମତେ ୩ ଭାଗରେ ବିଭକ୍ତ କରିପାରିବା—

**୧. ବିଷ୍ଣୋଃ କର୍ମାଣି ପଶ୍ୟତ —**ବିଷ୍ଣୁଙ୍କ କାର୍ଯ୍ୟକୁ ଦେଖ ।
**୨. ୟତୋ ବ୍ରତାନି ପସ୍ପଶେ —** ଯଦ୍ୱାରା (ଯେଉଁ କର୍ମଗୁଡ଼ିକୁ ଦେଖି, ଯାହାର ଜ୍ଞାନ ଦ୍ୱାରା, ଯାହାର ସହାୟତାରେ) ବ୍ରତ ଅର୍ଥାତ୍ ସତ୍ୟଭାଷଣ, ନ୍ୟାୟାଚରଣ ଆଦି ଶୁଭ, ମଙ୍ଗଳ, କଲ୍ୟାଣ କାରକ ଆଚରଣ ସମ୍ଭବ ହୋଇଥାଏ ।
**୩. ଇନ୍ଦ୍ରସ୍ୟ ୟୁଜ୍ୟଃ ସଖା —** ସେହି ବିଷ୍ଣୁ ଇନ୍ଦ୍ର (ଜୀବାତ୍ମା)ର ଯୋଗ୍ୟତମ, ଚିରନ୍ତନ ସଖା ।

ଆମେ ବର୍ତ୍ତମାନ ଏକ-ଏକ ଭାଗ ଉପରେ ବିଚାର କରିବା—

**୧. ବିଷ୍ଣୋଃ କର୍ମାଣି ପଶ୍ୟତ —** ବିଷ୍ଣୁଙ୍କ କାମକୁ ଦେଖ, ନିରୀକ୍ଷଣ କର । ଏହି ଭାଗରେ ୩ଟି ମୁଖ୍ୟ ଶବ୍ଦ- 'ବିଷ୍ଣୁ', 'କର୍ମ' ଓ 'ପଶ୍ୟତ' ଅର୍ଥାତ୍ 'ଦେଖ' ବିଶେଷ ଅର୍ଥ ଦ୍ୟୋତକ । ଏ ପ୍ରତ୍ୟେକ ପଦ ବିଷୟରେ ବିଚାର-ବିବେଚନା କରିବାର ଆବଶ୍ୟକତା ଅଛି ।

**କ. ବିଷ୍ଣୁ —** ଏହି ମନ୍ତ୍ରରେ ପରମେଶ୍ୱରଙ୍କୁ **'ବିଷ୍ଣୁ'** ବୋଲି କୁହାଯାଇଛି । **'ବିଷ୍ଲୃ ବ୍ୟାପ୍ତୌ'** ଧାତୁରେ **'ନୁ'** ପ୍ରତ୍ୟୟ ଯୋଗରେ **'ବିଷ୍ଣୁ'** ଶବ୍ଦର ଉତ୍ପତ୍ତି । ମହର୍ଷି ଦୟାନନ୍ଦ ସରସ୍ୱତୀ **'ବିଷ୍ଣୁ'** ଶବ୍ଦର ବ୍ୟୁତ୍ପତ୍ତି ସତ୍ୟାର୍ଥପ୍ରକାଶରେ ଲେଖିଛନ୍ତି — **'ବେବେଷ୍ଟି ବ୍ୟାପ୍ନୋତି ଚରାଽଚରଂ ଜଗତ୍ ସ ବିଷ୍ଣୁଃ ପରମାତ୍ମା'—** ଚର-ଅଚର ଜଗତରେ ବ୍ୟାପକ ହୋଇଥିବାରୁ ପରମାତ୍ମାଙ୍କ ନାମ **'ବିଷ୍ଣୁ'**(ସ.ପ୍ର. ପ୍ରଥମ ସମୁ.) । ଏହି ବ୍ୟାପକତା ଆଧାରରେ ସିଏ ସଂସାରର ଚର-ଅଚର ସବୁର ଭିତରେ ରହି ସ୍ୱ ନିୟମ ଅନୁସାରେ ସମସ୍ତଙ୍କୁ ନିୟନ୍ତ୍ରଣ କରନ୍ତି ।

ସୃଷ୍ଟିରେ ତ ତୁଚ୍ଛରୁ ତୁଚ୍ଛ ଏବଂ ମଳିନରୁ ମଳିନ ପଦାର୍ଥ ମଧ୍ୟ ଅଛି । କ'ଣ ଈଶ୍ୱର ସେ ସବୁ ଭିତରେ ବି ବ୍ୟାପକ ହେବା କେବେ ସମ୍ଭବ ? ମଳିନ, ଅଶୁଦ୍ଧ ପଦାର୍ଥ ଭିତରେ ବ୍ୟାପକ ହେଲେ ସେ ମଧ୍ୟ ମଳିନ, ଅଶୁଦ୍ଧ ହୋଇଯିବେ । - ଏହି ବିଚାର ଆଧାରରେ କେତେକ ଲୋକ ଈଶ୍ୱରଙ୍କ ପାଇଁ ଏକ ବିଶେଷ ଦେବଧାମର କଳ୍ପନା କରିଛନ୍ତି । ତା'ର ନାମ ସେମାନେ ଗୋଲକ, ବୈକୁଣ୍ଠ, ସ୍ୱର୍ଗ, ପରମଧାମ, ଜନ୍ନତ ଆଦି ରଖିଛନ୍ତି । ସେମାନଙ୍କ ବିଚାର ଯେ ସେଇଠି ରହି ଈଶ୍ୱର ଏହି ମର୍ତ୍ତ୍ୟଲୋକର ହାଲଚାଲ ବୁଝନ୍ତି, ଦେଖାଶୁଣା କରନ୍ତି । ସ୍ୱର୍ଗ ବା ଜନ୍ନତରେ ଈଶ୍ୱର

ରହୁଥିବାରେ ବିଶ୍ୱାସ ରଖୁଥିବା ଲୋକେ ଏହା ତ ମାନନ୍ତି ନାହିଁ ଯେ ଜହନ୍ନୁମ୍ ବା ନର୍କରେ ମଧ୍ୟ ଈଶ୍ୱର ସେହିଭଳି ବ୍ୟାପକ ଅଟନ୍ତି । କିନ୍ତୁ ବିଷ୍ଣୁ ଶବ୍ଦରେ ଯେଉଁ ଭାବନା ନିହିତ ତାହା ଈଶ୍ୱରଙ୍କ ଅବସ୍ଥିତିର ଏହି ସୀମିତ ବିଚାରକୁ ଖଣ୍ଡନ କରେ । ପ୍ରତ୍ୟେକ ଅଣୁ-ପରମାଣୁରେ ସଦା-ସର୍ବଦା ବ୍ୟାପକ ହୋଇ ରହିଥିବା କାରଣରୁ ହିଁ ଆମେ ଈଶ୍ୱରଙ୍କୁ 'ବିଷ୍ଣୁ' ବୋଲି କହୁ ।

ପରମାତ୍ମା ସର୍ବବ୍ୟାପକ, ସର୍ବ ପ୍ରବିଷ୍ଟ ଅଟନ୍ତି । ବୈଦିକ ଆସ୍ତିକତାର ଏହି ଭାବନା ବଡ଼ ମହତ୍ତ୍ୱପୂର୍ଣ୍ଣ । ଏଥିରୁ ଗୋଟିଏ କଥା ତ ସ୍ପଷ୍ଟ ହେଉଛି ଯେ ଗୋଲକ, ବୈକୁଣ୍ଠ, କ୍ଷୀରସାଗର, ପରମଧାମ, ଚତୁର୍ଥ ଆକାଶ କି ସପ୍ତମ ଆକାଶ ଆଦି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବିଷ୍ଣୁଙ୍କ ନିବାସ ହେବା ସମ୍ଭବ ନୁହେଁ । ତେଣୁ ବିଷ୍ଣୁଲୋକ ବୋଲି କୌଣସି ସ୍ୱତନ୍ତ୍ର ବିଶେଷ ଲୋକ ନାହିଁ । ସର୍ବତ୍ର ବିଷ୍ଣୁଙ୍କ ନିବାସ ହୋଇଥିବା ହେତୁ ପ୍ରତିଟି ଅଣୁ-ପରମାଣୁ ବିଷ୍ଣୁଲୋକ । ପିମ୍ପୁଡ଼ିର ହୃଦୟ ବି ବିଷ୍ଣୁଲୋକ, ମଶା-ମାଛିର ଶରୀର ମଧ୍ୟ ବିଷ୍ଣୁଲୋକ । ହାତୀର ଶରୀର ବି ବିଷ୍ଣୁଲୋକ ଏବଂ ଆମ ସମସ୍ତଙ୍କ ମନ-ହୃଦୟ ମଧ୍ୟ ବିଷ୍ଣୁଲୋକ । ପରମାତ୍ମା ଶୁଦ୍ଧସ୍ୱରୂପ ଓ ସର୍ବଶକ୍ତିମାନ୍ ହୋଇଥିବାରୁ ଅଶୁଦ୍ଧ ପଦାର୍ଥ ମଧ୍ୟରେ ବ୍ୟାପକ ହେଲେ ସୁଦ୍ଧା ସେହି ଅଶୁଦ୍ଧି ପ୍ରଭାବରେ ସେ ପ୍ରଭାବିତ ହୁଅନ୍ତି ନାହିଁ, ଅଶୁଦ୍ଧ ହୋଇଯାନ୍ତି ନାହିଁ ।

ବିଷ୍ଣୁଙ୍କ ସମ୍ବନ୍ଧରେ ବାମନ ଶିବରାମ ଆପ୍ଟେ ସ୍ୱ ଶବ୍ଦକୋଷରେ ଏକ ଶ୍ଳୋକ ଲେଖିଛନ୍ତି—

**ଯସ୍ମାଦ୍ ବିଶ୍ୱମିଦଂ ସର୍ବଂ ତସ୍ୟ ଶକ୍ତ୍ୟା ମହାତ୍ମନଃ ।**
**ତସ୍ମାଦେବୋଚ୍ୟତେ ବିଷ୍ଣୁର୍ବିଶ୍ଧାତୋଃ ପ୍ରବେଶନାତ୍ ॥**

ଆଚ୍ଛା ! ଯଦି ବିଷ୍ଣୁ ଚର-ଅଚର ଜଗତରେ କେବଳ ବ୍ୟାପକ ହୋଇ ରହିଛନ୍ତି, ତେବେ ଆକାଶ ବି ତ ସର୍ବବ୍ୟାପକ; ପୁଣି ବିଷ୍ଣୁଙ୍କର ଆଉ ବୈଶିଷ୍ଟ୍ୟ କ'ଣ ? ବୈଶିଷ୍ଟ୍ୟ ଅଛି । କାରଣ ଆକାଶ ନିଷ୍କ୍ରିୟ, ତା'ର କୌଣସି କାର୍ଯ୍ୟ ବା କର୍ମ ନାହିଁ — **'ଦିକ୍‌କାଲାବାକାଶଂ ଚ କ୍ରିୟାବଦ୍‌ବୈଧର୍ମ୍ୟାନ୍ନିଷ୍କ୍ରିୟାଣି'** (ବୈଶେଷିକ. ୫:୨:୨୧) । କିନ୍ତୁ ବିଷ୍ଣୁଙ୍କର ବିଶେଷତ୍ୱ ହେଲା ଯେ ତାଙ୍କର କର୍ମ ଅଛି । ଏଣୁ ମନ୍ତ୍ରରେ **'ବିଷ୍ଣୋଃ କର୍ମାଣି ପଶ୍ୟତ'** ବୋଲି କୁହାଯାଇ ବିଷ୍ଣୁଙ୍କ କର୍ମକୁ ଦେଖିବା, ନିରୀକ୍ଷଣ କରିବାର ଆଦେଶ-ଉପଦେଶ ଦିଆଯାଇଛି ।

**ଖ. କର୍ମାଣି —** ଏହି ଖଣ୍ଡର ତିନୋଟି ଶବ୍ଦ ମଧ୍ୟରୁ ଦ୍ୱିତୀୟ ଶବ୍ଦ ହେଲା **'କର୍ମାଣି'** । ବର୍ତ୍ତମାନ ଏହା ଉପରେ ବିଚାର କରିବା—

ପ୍ରଥମ କଥା ତ ହେଲା ଯେ 'କର୍ମାଣି' ବହୁବଚନ ଶବ୍ଦ । ଏଠାରେ ଏକବଚନ 'କର୍ମ' ହୋଇଥିଲେ ବି ଜାତିବାଚକ ବା ସମୂହବାଚକ ହୋଇଥିବାରୁ ବହୁତ୍ୱର ଗ୍ରହଣ କରିନେଇଥାନ୍ତା । କିନ୍ତୁ ଏଠାରେ ତ ସ୍ପଷ୍ଟ ରୂପେ 'କର୍ମାଣି' ଅଛି । ଏହାର ଅର୍ଥ ପ୍ରଭୁଙ୍କର ଅନେକ ପ୍ରକାର କର୍ମ ଅଛି । ବେଦରେ ତ ପ୍ରଭୁଙ୍କୁ ସୃଷ୍ଟି କର୍ତ୍ତା, ପାଳନକର୍ତ୍ତା ଓ ପ୍ରଳୟକର୍ତ୍ତା ବୋଲି କୁହାଯାଇଛି । ବେଦାନ୍ତ ଦର୍ଶନର ସୂତ୍ର ପରଂବ୍ରହ୍ମଙ୍କ ପ୍ରମୁଖ କର୍ମ ବିଷୟରେ ପର୍ଯ୍ୟାପ୍ତ ସୂଚନା ଦିଏ—

**୧. ଅଥାତୋ ବ୍ରହ୍ମଜିଜ୍ଞାସା ।** (ବେଦାନ୍ତ. ୧:୧:୧)— ଆଚାର୍ଯ୍ୟ କହନ୍ତି କି ବର୍ତ୍ତମାନ ବ୍ରହ୍ମଙ୍କ ବିଷୟରେ ଜାଣିବା, ବୁଝିବା, ବିଚାର କରିବା । ସେ ବ୍ରହ୍ମ କିଏ ?

**୨. ଜନ୍ମାଦ୍ୟସ୍ୟ ଯତଃ ।** (ବେଦାନ୍ତ. ୧:୧:୨)— **(ଯତଃ)** ଯାହାଙ୍କ ଯୋଗୁଁ ବା ଯାହାଙ୍କ ଦ୍ୱାରା **(ଅସ୍ୟ)** ଏହାର ଅର୍ଥାତ୍ ଏହି ଜଗତର **(ଜନ୍ମାଦି)** ଜନ୍ମ ଆଦି ଅର୍ଥାତ୍ ଉତ୍ପତ୍ତି-ସ୍ଥିତି-ପ୍ରଳୟ, ସୃଜନ-ପାଳନ-ସଂହାର ହୁଏ ।

କେବଳ ଏତିକି ନୁହେଁ, ସଂସାରର ଉତ୍ପତ୍ତି-ସ୍ଥିତି-ପ୍ରଳୟ ସାଙ୍ଗକୁ ସେହି ବ୍ରହ୍ମ

**୩. ଶାସ୍ତ୍ରଯୋନିତ୍ୱାତ୍ ।** (ବେଦାନ୍ତ. ୧:୧:୩)— ଶାସ୍ତ୍ରର, ବେଦର ମଧ୍ୟ ଉତ୍ପତ୍ତିର କାରଣ । ସେହି ପରମାତ୍ମାଙ୍କଠାରୁ ଆମକୁ ବେଦ-ଜ୍ଞାନ ମିଳିଛି, ପ୍ରତି ସୃଷ୍ଟିରେ ମିଳେ ।

**୪. ତତ୍ତୁ ସମନ୍ୱୟାତ୍ ।** (ବେଦାନ୍ତ. ୧:୧:୪)— ଈଶ୍ୱରଙ୍କ ସୃଷ୍ଟି ଓ ତାଙ୍କ ଜ୍ଞାନ 'ବେଦ'- ଏ ଉଭୟ ମଧ୍ୟରେ ସମନ୍ୱୟ ଥିବା ଦେଖିବାକୁ ମିଳେ, ବିସଙ୍ଗତି ନୁହେଁ । ଏଣୁ ଈଶ୍ୱର ହିଁ ବେଦ-ଜ୍ଞାନ ପ୍ରଦାତା ।

ବେଦରେ ଯାହା କିଛି ଅଛି, ସେସବୁ ସୃଷ୍ଟି-ନିୟମର ଅନୁକୂଳ ଅଛି । 'କୌଣସି ଜ୍ଞାନ ଈଶ୍ୱରୀୟ ଅଟେ ନା ନାହିଁ, ଏହା କିପରି ଜଣାଯିବ ?'- ଏହି ପ୍ରଶ୍ନର ଅତ୍ୟନ୍ତ ସରଳ ଉତ୍ତର, ସମାଧାନ ମହର୍ଷି ଦୟାନନ୍ଦ ଦେଇଛନ୍ତି କି ଯେଉଁ ଗ୍ରନ୍ଥରେ ସୃଷ୍ଟି-ନିୟମର ଅନୁକୂଳ ବର୍ଣ୍ଣନା ଥିବ ତାହା ଈଶ୍ୱରୀୟ ଜ୍ଞାନ ଏବଂ ଯେଉଁ ଗ୍ରନ୍ଥରେ ସୃଷ୍ଟି-ନିୟମର ଓଲଟା, ବିପରୀତ ବର୍ଣ୍ଣନା ଥିବ ତାହା ଈଶ୍ୱରୀୟ ଜ୍ଞାନ ସମ୍ବଳିତ-ସଂକଳିତ ଗ୍ରନ୍ଥ ହୋଇନପାରେ । ପୃଥିବୀ ମେଜ ଭଳି ସମତଳ ହୋଇଥିବା, ପୁରୁଷ-ସ୍ତ୍ରୀର ବିନା ସମାଗମରେ କୁମାରୀ ଗର୍ଭରୁ ସନ୍ତାନ ଜନ୍ମ ହେବା, କାହାରି ସଂକେତରେ ଚନ୍ଦ୍ରମା ଦୁଇ ଖଣ୍ଡ ହୋଇଯିବା, କେହି 'ହୋଇ ଯା' ବୋଲି କହିବା ମାତ୍ରେ ବିନା ଉପାଦାନ କାରଣରେ ସଂସାର ତିଆରି ହୋଇଯିବା, ମୂସା(ମୋସା) ଯଷ୍ଟି ଦେଖାଇ ସମୁଦ୍ରକୁ ଦୁଇ ଭାଗ କରି ମଝିରେ ରାସ୍ତା ବାହାର କରିବା ଇତ୍ୟାଦି ଶହ-ଶହ ବିଷୟ ଧର୍ମଗ୍ରନ୍ଥ ବୋଲି କୁହାଯାଉଥିବା ପୁସ୍ତକଗୁଡ଼ିକରେ ଭରି ରହିଛି ଯେଉଁ ସବୁର କି ସୃଷ୍ଟିର ନିୟମ-ବ୍ୟବସ୍ଥା ସହ ସଂଗତି ହୋଇପାରେ ନାହିଁ । ଏପରି ବିସଙ୍ଗତ କଥା ସମ୍ବଳିତ ଗ୍ରନ୍ଥଗୁଡ଼ିକ ଈଶ୍ୱରୀୟ ହୋଇପାରିବ ନାହିଁ । ବେଦ ଜ୍ଞାନର ଭଣ୍ଡାର । ସେଥିରେ ପାରିବାରିକ, ସାମାଜିକ, ଆଧ୍ୟାତ୍ମିକ, ଭୌତିକ ଆଦି ଅନେକ ପ୍ରକାର ଜ୍ଞାନ-ବିଜ୍ଞାନ ଅଛି ଏବଂ ସୃଷ୍ଟିର ନିୟମ-ବ୍ୟବସ୍ଥା ସହ ଏସବୁର ସମନ୍ୱୟ ଅଛି । ଏସବୁ ମଧ୍ୟ ବିଷ୍ଣୁଙ୍କର ହିଁ କର୍ମ । ଏସବୁ ବିଷ୍ଣୁଙ୍କର କର୍ମ, ବିଷ୍ଣୁଙ୍କର କାବ୍ୟ । ବେଦରେ କୁହାଯାଇଛି—

**ପଶ୍ୟ ଦେବସ୍ୟ କାବ୍ୟଂ ନ ମମାର ନ ଜୀର୍ୟତି ।**

(ଅଥର୍ବ. ୧୦:୮:୩୨)

**'କବେଃ କୃତମ୍, ନିର୍ମିତମ୍ କାବ୍ୟମ୍'**— କାବ୍ୟ ହେଉଛି କବିଙ୍କର କୃତି । ପରମାତ୍ମା ପରମକବି, ମନୀଷୀ— **'କବିର୍ମନୀଷୀଃ'** (ଯଜୁଃ. ୪୦:୮) । ଭଗବାନ ବିଷ୍ଣୁଙ୍କ କାବ୍ୟର ଦୁଇଟି ରୂପ । ଏକ ତ ନାମ-ରୂପାତ୍ମକ - ଏହି ଦୃଶ୍ୟ ଜଗତ । ଏହି ସଂସାର ପ୍ରଭୁଙ୍କ ଦୃଶ୍ୟ କାବ୍ୟ । ସେ ପରମକବିଙ୍କ ଶ୍ରାବ୍ୟ କାବ୍ୟ ହେଲା 'ବେଦ' ବା ଶ୍ରୁତି । ଈଶ୍ୱରଙ୍କ ଦୃଶ୍ୟ କାବ୍ୟ 'ଜଗତ' ଏବଂ ଶ୍ରାବ୍ୟ କାବ୍ୟ 'ବେଦ' - ଏ ଉଭୟ ମଧ୍ୟମରେ ସାମଞ୍ଜସ୍ୟ ଥିବା ପ୍ରମାଣିତ କରୁଛି କି ଏ ଉଭୟ କାବ୍ୟର, ଜଗତ ଓ ବେଦର, କର୍ତ୍ତା-ନିର୍ମାତା-ବିଧାତା ଏକ ପ୍ରଭୁ ପରମେଶ୍ୱର ଅଟନ୍ତି । ଏ ସାମଞ୍ଜସ୍ୟର ଉଦାହରଣ ସ୍ୱରୂପ ବେଦରେ କୁହାଯାଇଛି—

**ଦୃଷ୍ଟ୍ୱା ରୂପେ ବ୍ୟାକରୋତ୍ ସତ୍ୟାନୃତେ ପ୍ରଜାପତିଃ ।**
**ଅଶ୍ରଦ୍ଧାମନୃତେଽଦଧାଚ୍ଛ୍ରଦ୍ଧାଂ ସତ୍ୟେ ପ୍ରଜାପତିଃ ॥**

(ଯଜୁଃ. ୧୯:୭୭)

ପରମେଶ୍ୱର ସତ୍ୟ ଓ ଅସତ୍ୟ, ଋତ ଓ ଅନୃତକୁ ପୃଥକ୍ କରିଦେଇଛନ୍ତି ଏବଂ ସତ୍ୟରେ ଶ୍ରଦ୍ଧା ଓ ଅନୃତରେ ଅଶ୍ରଦ୍ଧା ଭାବନା ଆମ ଭିତରେ ଭରି ଦେଇଛନ୍ତି । ଆଉ ଏହି ମାନବସୁଲଭ ପ୍ରବୃତ୍ତି ବିଶ୍ୱଜନୀନ ଅଟେ । ଉଦାର, ଦୟାଳୁ ଓ ନିଷ୍ଠୁର ସମସ୍ତଙ୍କଠାରେ ଏହି ମାନବୀୟ ଗୁଣ ଦେଖିବାକୁ ମିଳେ । ମୋ ସହିତ କେହି ମିଥ୍ୟାକଥନ, ମିଥ୍ୟାଚରଣ କରୁ ଏ କଥା କେହି ଚାହାନ୍ତିନି ।

**୫. ଫଳମତ ଉପପତ୍ତେଃ ।** (ବେଦାନ୍ତ. ୩:୨:୩୮)— ସର୍ବବ୍ୟାପକ ପରମାତ୍ମାଙ୍କଠାରୁ ଜୀବାତ୍ମାଙ୍କୁ କର୍ମଫଳ ପ୍ରାପ୍ତ ହୋଇଥାଏ, ଏହା ଯୁକ୍ତିସିଦ୍ଧ ।

ଉପର ଆଲୋଚନାରୁ ଆମେ ଜାଣିଲେ ଯେ ସର୍ବବ୍ୟାପକ ପରମେଶ୍ୱର ବିଷ୍ଣୁଙ୍କର ୫ଟି ମୁଖ୍ୟ କାମ— ଜଗତର ଉତ୍ପତ୍ତି, ଜଗତର ପାଳନ, ସଂସାରର ପ୍ରଳୟ, ବେଦଜ୍ଞାନ ପ୍ରଦାନ ଓ ଜୀବାତ୍ମାମାନଙ୍କୁ କର୍ମଫଳ ପ୍ରଦାନ ।

## ବିଷ୍ଣୁଙ୍କ କର୍ମର ବୈଶିଷ୍ଟ୍ୟ

ଆସ୍ତିକତାର ପ୍ରଥମ ଭାବନା ହେଲା ଯେ ଈଶ୍ୱର

ସୃଷ୍ଟିକର୍ତ୍ତା ଅଟନ୍ତି । ସୃଷ୍ଟିକର୍ତ୍ତାର ଅର୍ଥ ହେଲା ସେ ସମସ୍ତ ଛୋଟ-ବଡ଼ କ୍ରିୟାର କର୍ତ୍ତା ଯେଉଁସବୁ କାରଣରୁ ସୃଷ୍ଟି ବସ୍ତୁତଃ ସୃଷ୍ଟି ବୋଲାଇଥାଏ । ଯେତେବେଳେ ଆମେ କହୁ ଯେ ପୃଥିବୀକୁ ଈଶ୍ୱର ତିଆରି କରିଛନ୍ତି, ସେତେବେଳେ ଏହାର ଅର୍ଥ ଏହା ହୋଇଥାଏ କି ପରମାଣୁଗୁଡ଼ିକର ପ୍ରଥମ ବିକ୍ଷୋଭ (ଆଲୋଡ଼ନ) ଠାରୁ ଅର୍ଥାତ୍ ଯେଉଁଠୁ କି ପୃଥିବୀର ରଚନା ଆରମ୍ଭ ହେଲା, ତାହାଠୁ ନେଇ ସେହି କ୍ରିୟା ପର୍ଯ୍ୟନ୍ତ, ଯେତେବେଳେ ପୃଥିବୀ ପୂର୍ଣ୍ଣ ରୂପେ ତିଆରି ହୋଇଗଲା ଏବଂ ତା' ପରେ ସେସବୁ ପ୍ରଗତି ଯାହାର ଆଶ୍ରୟରେ ପୃଥିବୀଟି ପୃଥିବୀ ହୋଇଛି, ଏସବୁ କ୍ରିୟାର କର୍ତ୍ତା ପରମେଶ୍ୱର ଅଟନ୍ତି । ଏଥିପାଇଁ ସଂସାରର ପ୍ରାୟ ସମସ୍ତ ଆସ୍ତିକ-ସଂପ୍ରଦାୟ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ମାନନ୍ତି । କିନ୍ତୁ ମନୁଷ୍ୟକୃତ ବା ପ୍ରାଣୀକୃତ କ୍ରିୟାଗୁଡ଼ିକ ସହ କର୍ତ୍ତାରୂପେ ଆମ ମନରେ ଏକ ସୀମିତ ଭାବନା ଥାଏ । କୁମ୍ଭାରକୁ ଆମେ ହାଣ୍ଡିର ନିର୍ମାତା କହୁ । ମିସ୍ତ୍ରୀକୁ ଘରର ନିର୍ମାତା, ତନ୍ତୀକୁ ଲୁଗାର ନିର୍ମାତା, ଚିତ୍ରକରକୁ ଚିତ୍ରର ରଚୟିତା କହୁ । ଏସବୁ ସ୍ଥଳରେ କର୍ତ୍ତୃତ୍ୱ ବା କର୍ତ୍ତାପଣ କେବଳ ଏକ ଅନ୍ତିମ କ୍ରିୟାର ଅଟେ, ଅନ୍ୟ ସବୁର ନୁହେଁ । ପରମାଣୁଗୁଡ଼ିକର ସଂଯୋଗରେ ଏକ ସୀମା ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇ ନିର୍ମିତ ହୋଇଥିବା ମାଟିକୁ ଏକ ନିଶ୍ଚିତ ଅନ୍ତିମ ରୂପ ଦେବାର ନାମ ହିଁ ହାଣ୍ଡି ତିଆରି କରିବା ଅଟେ । ହାଣ୍ଡି ତିଆରି କରିବା ପୂର୍ବରୁ ମାଟି କେଉଁ-କେଉଁ କ୍ରିୟାସମୂହର ପରିଣାମ ଥିଲା ଅଥବା ହାଣ୍ଡି ତିଆରି ହେବା ପରେ ହାଣ୍ଡିକୁ ହାଣ୍ଡି ରୂପରେ ସ୍ଥିର ରଖିବା ପାଇଁ କେଉଁ ରାସାୟନିକ କ୍ରିୟାଗୁଡ଼ିକର ନୈରନ୍ତର୍ଯ୍ୟ ରହିଥାଏ ତା' ସହ କୁମ୍ଭାରର କୌଣସି ସମ୍ବନ୍ଧ ନାହିଁ । ଅତଃ ହାଣ୍ଡି ସହ କୁମ୍ଭାରର କ୍ଷଣିକ ସମ୍ବନ୍ଧ ହିଁ ଥାଏ । କିନ୍ତୁ ସଂସାର ସହ ଈଶ୍ୱରଙ୍କର ସେଭଳି ସମ୍ବନ୍ଧ ନାହିଁ । ଈଶ୍ୱର ସୃଷ୍ଟିର ପ୍ରତ୍ୟେକ କ୍ରିୟାରେ ସମାବିଷ୍ଟ ।

## କର୍ତ୍ତା ଓ ଦ୍ରଷ୍ଟା

ଏକ ଅତି ପ୍ରସିଦ୍ଧ ଉକ୍ତି ଅଛି — **'ସାକ୍ଷୀ ଚେତା- କେବଲୋ ନିର୍ଗୁଣଶ୍ଚ'** । କେତେକ କହନ୍ତି କି ପରମେଶ୍ୱର ଆମ କର୍ମର କେବଳ ସାକ୍ଷୀ ଅଟନ୍ତି । ସେ କିଛି କରନ୍ତି ନାହିଁ । ସେମାନେ କହନ୍ତି କି କର୍ତ୍ତୃତ୍ୱ (କର୍ତ୍ତାପଣ) ତ କ୍ଷୁଦ୍ର ପ୍ରାଣୀଙ୍କ କ୍ଷୁଦ୍ର ଇଚ୍ଛାର ପରିଣାମ । ମହାନ୍ ଈଶ୍ୱର ତ କ୍ରିୟାଶୂନ୍ୟ, ନିଷ୍କ୍ରିୟ । ସିଏ କର୍ମର ବନ୍ଧନର ଅନ୍ତର୍ଗତ ନୁହନ୍ତି । ସିଏ କେବଳ ଦ୍ରଷ୍ଟାମାତ୍ର, କର୍ତ୍ତା ନୁହଁନ୍ତି । କର୍ତ୍ତା ଓ ଭୋକ୍ତା ତ ଜୀବ ଅଟେ, ଈଶ୍ୱର ନୁହଁନ୍ତି ।

ଏହା ଉପରେ ବିଚାର କଲେ ଜଣାଯାଏ ଯେ ଏହି ଯୁକ୍ତି ଅସାର ଓ ହେତ୍ୱାଭାସ ମଧ୍ୟ । ଚେତନ ଓ ଜଡ଼ ମଧ୍ୟରେ ପ୍ରଭେଦ ହିଁ ଏହା ଯେ ଚେତନ କ୍ରିୟାଶୀଳ ହୋଇଥାଏ ଓ ଜଡ଼ କ୍ରିୟାରହିତ । ଯଦି ଈଶ୍ୱର ମଧ କ୍ରିୟାଶୂନ୍ୟ ଅଟନ୍ତି, ତେବେ ତ ସେ ଜଡ଼ ପଦାର୍ଥ । ଆଉ ଯଦି ଈଶ୍ୱର ଜଡ଼ ଅଟନ୍ତି, ତେବେ ସେ କର୍ତ୍ତା ହୋଇପାରିବେ ନାହିଁ ଏବଂ ଯଦି କର୍ତ୍ତା ଅଟନ୍ତି ନାହିଁ ତେବେ ସେ ଈଶ୍ୱର ବି ହୋଇପାରିବେ ନାହିଁ ।

ବେଦ, ଦର୍ଶନ, ଉପନିଷଦ ଆଦି ସକଳ ଶାସ୍ତ୍ର ପରମେଶ୍ୱରଙ୍କୁ କର୍ତ୍ତା ବୋଲି ମାନନ୍ତି । ଶାସ୍ତ୍ରରେ ଏପରି ହଜାରେ ବାକ୍ୟ ମିଳିଯିବ ଯେଉଁଗୁଡ଼ିକ କି ପରମେଶ୍ୱରଙ୍କ କର୍ତ୍ତୃତ୍ୱର ସାକ୍ଷ୍ୟ ଦିଅନ୍ତି । ଉଦାହରଣସ୍ୱରୂପ ଆମେ ପ୍ରତ୍ୟହ ଅଗ୍ନିହୋତ୍ରରେ ଈଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନାର ଯେଉଁ ୮ଟି ମନ୍ତ୍ର ପଢୁ ତାହା ହିଁ ଦେଖନ୍ତୁ—

**୧. ସ ଦାଧାର ପୃଥିବୀଂ ଦ୍ୟାମୁତେମାମ୍ ।**

(ଯଜୁଃ. ୧୩:୪)

ସେହି ପରମାତ୍ମା ଏହି ଭୂଲୋକ ଓ ଦ୍ୟୁଲୋକକୁ ଧାରଣ କରିଛନ୍ତି ।

**୨. ୟ ଆତ୍ମଦା ବଲଦା ।** (ଯଜୁଃ. ୨୫:୧୩)

ଯେଉଁ ପରମାତ୍ମା ଆତ୍ମଜ୍ଞାନଦାତା; ଶାରୀରିକ, ଆତ୍ମିକ ଓ ସାମାଜିକ ବଳ ପ୍ରଦାତା ।

**୩. ୟଃ ଈଶେଽସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ ।**

(ଯଜୁଃ. ୨୩:୩)

ଯିଏ ଏହି ଦ୍ୱିପାଦବିଶିଷ୍ଟ ମନୁଷ୍ୟାଦି ଏବଂ ଚତୁଷ୍ପଦବିଶିଷ୍ଟ ଗବାଦି ପ୍ରାଣୀଙ୍କ ରଚୟିତା ।

**୪. ଯେନ ଦ୍ୟୌରୁଗ୍ରା ପୃଥିବୀ ଚ ଦୃଢ଼ା ।**

(ଯଜୁଃ. ୩୨:୬)

ଯେଉଁ ପରମାତ୍ମା ତୀବ୍ର ତେଜୋମୟ ଦ୍ୟୁଲୋକସ୍ଥ ସୂର୍ଯ୍ୟାଦିକୁ ଓ ପୃଥିବୀକୁ ଧାରଣ କରିଛନ୍ତି ।

ଦର୍ଶନରେ କୁହାଯାଇଛି—

**ସ ହି ସର୍ବବିତ୍ ସର୍ବକର୍ତ୍ତା ।** (ସାଂଖ୍ୟ. ୩:୫୬)

ସେହି ଈଶ୍ୱର ହିଁ ସର୍ବଜ୍ଞ, ସର୍ବାନ୍ତର୍ଯ୍ୟାମୀ ଓ ସକଳ ଜଗତର ରଚୟିତା ।

ସେହିଭଳି ଉପନିଷଦରେ ଅଛି—

**ଯଦା ପଶ୍ୟଃ ପଶ୍ୟତି ରୁକ୍ମବର୍ଣ୍ଣଂ କର୍ତ୍ତାରମୀଶଂ ପୁରୁଷମ୍ ।** (ମୁଣ୍ଡକ. ୩:୩)

ଯେତେବେଳେ ଜୀବାତ୍ମା ଦ୍ରଷ୍ଟା ହୋଇ ବୃହତ୍ ବିଶ୍ୱର କାରଣ, ଏହାର ସ୍ୱାମୀ, ଏହାର କର୍ତ୍ତା (ରଚୟିତା), ପ୍ରକାଶସ୍ୱରୂପ ପୁରୁଷଙ୍କୁ ଦେଖିନିଏ... ।

**ଏକଂ ବୀଜଂ ବହୁଧା ଯଃ କରୋତି ।**

(ଶ୍ୱେତା. ୬:୧୨)

ଏକ ବୀଜ-ରୂପ ପ୍ରକୃତିକୁ ଯିଏ ଅନେକ ପଦାର୍ଥ ରୂପେ ନିର୍ମାଣ କରନ୍ତି ।

ଏ ସମସ୍ତ ପ୍ରମାଣରୁ ଏହା ଜଣାଯାଉଛି ଯେ ବେଦ, ଦର୍ଶନ, ଉପନିଷଦ ଆଦି ସକଳ ଶାସ୍ତ୍ରରେ ପରମେଶ୍ୱରଙ୍କୁ ସୃଜକ, ପାଳକ, ସଂହାରକ ବୋଲି ବର୍ଣ୍ଣନା କରାଯାଇଛି । ମହତ୍ତ୍ୱପୂର୍ଣ୍ଣ କଥା ଏହା ଯେ କର୍ତ୍ତା ହୋଇ ମଧ୍ୟ ଜଣେ ଦ୍ରଷ୍ଟା-ସାକ୍ଷୀ ହୋଇପାରିବ । କର୍ତ୍ତା ହେବା ବିଷୟ ସାକ୍ଷୀ ବା ଦ୍ରଷ୍ଟା ହେବା ମାର୍ଗରେ ପ୍ରତିବନ୍ଧକ ନୁହେଁ । କୁମ୍ଭାର ହାଣ୍ଡି-ମାଠିଆର କର୍ତ୍ତା ମଧ୍ୟ ଏବଂ ଦ୍ରଷ୍ଟା ବି । କୁମ୍ଭାର ହାଣ୍ଡି-ମାଠିଆ ତିଆରି କରୁଥିବାର ଆମେ ଦେଖୁଛେ ତ ଆମେ ଦ୍ରଷ୍ଟା ଓ ସାକ୍ଷୀ । କୁମ୍ଭାରର ଗଧ ସେଇଠି ଠିଆ ହୋଇ କୁମ୍ଭାର ହାଣ୍ଡି ତିଆରି କରିବା ଦେଖୁଛି, ମେଣ୍ଢା-ଛେଳି-ବଳଦ ଆଦି ଅନେକ ପ୍ରାଣୀ ମଧ୍ୟ ଏ କାମ ଦେଖୁଛନ୍ତି । କିନ୍ତୁ ଅଭିଧା ଅର୍ଥରେ ଦ୍ରଷ୍ଟା ହୋଇଥିଲେ ମଧ୍ୟ ସେମାନଙ୍କୁ ଦ୍ରଷ୍ଟା କି ସାକ୍ଷୀ ବୋଲି ସ୍ୱୀକାର କରାଯାଏ ନାହିଁ । କାରଣ ଏ ଦୃଶ୍ୟ(ଘଟଣା)ର ଦ୍ରଷ୍ଟା(ଛେଳି-ମେଣ୍ଢା ଆଦିଙ୍କ) ଉପରେଉସେମିତି କିଛି ପ୍ରଭାବ ନାହିଁ କି ଦୃଶ୍ୟ ଉପରେ ଦ୍ରଷ୍ଟାର ପ୍ରଭାବ ନାହିଁ । କିନ୍ତୁ ପ୍ରଭୁ ପରମେଶ୍ୱର ଏ ଜଗତର କର୍ତ୍ତା, ଦ୍ରଷ୍ଟା, ସାକ୍ଷୀ ଏ ସବୁକିଛି ଅଟନ୍ତି ।

ପରମେଶ୍ୱର ତାଙ୍କ କାମର ତ କର୍ତ୍ତା; କିନ୍ତୁ ପ୍ରଭୁ ଆମ କାମର ଦ୍ରଷ୍ଟା-ସାକ୍ଷୀ ହିଁ ଅଟନ୍ତି, ସେ ଆମ କାମର କର୍ତ୍ତା ନୁହଁନ୍ତି, ଆମ କାମର କର୍ତ୍ତା ହେଉଛୁ ଆମେ । ଆଉ କର୍ତ୍ତା ରୂପେ ଆମେ ସ୍ୱତନ୍ତ୍ର— **'ସ୍ୱତନ୍ତ୍ରଃ କର୍ତ୍ତା'** (ଅଷ୍ଟାଧ୍ୟାୟୀ. ୧:୪:୫୪) । ଆମ କାମ କରିବା କି କରାଇବା ପରମେଶ୍ୱରଙ୍କ କାର୍ଯ୍ୟ ନୁହେଁ । ନିଜ ପାପକର୍ମର ଉତ୍ତର ଦାୟିତ୍ୱ ନିଜେ ନ ନେଇ ସାଧାରଣତଃ ଲୋକେ କହିଦିଅନ୍ତି—

**'କେନାପି ଦେବେନ ହୃଦିସ୍ଥିତେନ ଯଥା ନିଯୁକ୍ତୋଽସ୍ମି ତଥା କରୋମି ।'**

କୌଣସି ଦେବ(ପରମେଶ୍ୱର) ଆମ ହୃଦୟରେ ବସି ଆମକୁ କାଠକଣ୍ଢେଇ ଭଳି କରି ଆମ ଦ୍ୱାରା ଭଲ-ଖରାପ ଯେପରି ଚାହାନ୍ତି ସେପରି କର୍ମ କରାନ୍ତି ।

କେବେକେବେ ଭକ୍ତଙ୍କ ବଦଳରେ ସ୍ୱୟଂ ଭଗବାନ ମଧ୍ୟ ଭକ୍ତଙ୍କ କାମ କରିଦିଅନ୍ତି ବୋଲି ଅନେକ ପ୍ରକାର କଥା ସଂସାରରେ ପ୍ରଚାରିତ । ଯଥା— ଜଣେ ନାପିତ ପ୍ରଭୁଙ୍କର ବଡ଼ ଭକ୍ତ ଥିଲା । ସିଏ ରାଜାଙ୍କର ନିତ୍ୟ ସେବକ ଥିଲା । ଦିନେ ସିଏ ଭଜନ-କୀର୍ତ୍ତନରେ ଏପରି ମଜ୍ଜିଗଲା ଯେ ରାଜାଙ୍କ ସେବା କରିବାକୁ ଯିବାକୁ ଭୁଲିଗଲା ଏବଂ ଭଜନ କରିଚାଲିଲା । ଆଉ ତା' ଜାଗାରେ ସ୍ୱୟଂ ଭଗବାନ ରାଜାଙ୍କ ଗୋଡ଼ ଘଷିବାକୁ ଗଲେ । ଏସବୁ ଗୁଲି ଗପ । ଭକ୍ତଙ୍କ ବଦଳରେ ଚାକିରୀ କରିବା ପାଇଁ ଭଗବାନ ଯାଆନ୍ତି

ନାହିଁ । ଏହା ଭଗବାନଙ୍କ କାମ ନୁହେଁ । ଭଗବାନ ଭକ୍ତଙ୍କ ସହାୟତା ତ କରନ୍ତି; କିନ୍ତୁ ତା'ର ସ୍ୱରୂପ ଅନ୍ୟ ପ୍ରକାରର । ବସ୍ତୁତଃ ପ୍ରଭୁଙ୍କ କୃପା ବିନା, ତାଙ୍କ ସହାୟତା ବିନା ବୁଦ୍ଧିମାନ୍‌ରୁ ବୁଦ୍ଧିମାନ୍ ବ୍ୟକ୍ତିଙ୍କର ବି ଉତ୍ତମରୁ ଉତ୍ତମ କାର୍ଯ୍ୟ ମଧ୍ୟ ପୂର୍ଣ୍ଣ ହୋଇପାରେ ନାହିଁ । ତାଙ୍କ ସହାୟତା ସର୍ବତ୍ର ଅପେକ୍ଷିତ । ବେଦରେ କୁହାଯାଇଛି—

**ୟସ୍ମାଦୃତେ ନ ସିଧ୍ୟତି ୟଜ୍ଞୋ ବିପଶ୍ଚିତଶ୍ଚନ ।**
**ସ ଧୀନାଂ ୟୋଗମିନ୍ୱତି ॥** (ଋକ୍. ୧:୧୮:୭)

ଯେଉଁ ଅନନ୍ତ ବିଦ୍ୟାବାନ୍, ସର୍ବଶକ୍ତିମାନ୍ ଜଗଦୀଶ୍ୱରଙ୍କ ବିନା ବୁଦ୍ଧିମାନ ଲୋକଙ୍କର ବି ଯଜ୍ଞ (ଶୁଭ, ଉତ୍ତମ, କଲ୍ୟାଣକାରକ କାର୍ଯ୍ୟ) ମଧ୍ୟ ସିଦ୍ଧ-ସଫଳ ହୋଇପାରେ ନାହିଁ; ଯେହେତୁ କି ପରମାତ୍ମା ହିଁ ସଂସାରର ସକଳ ମୌଳିକ ପଦାର୍ଥର ସ୍ରଷ୍ଟା ତଥା ସେବୁର ବ୍ୟବସ୍ଥାପକ, ଏ ସାଂସାରିକ ମୌଳିକ ପଦାର୍ଥଗୁଡ଼ିକ ଆପେ ତିଆରି ହୋଇପାରେ ନାହିଁ କି ଜୀବାତ୍ମାମାନଙ୍କ ଦ୍ୱାରା ତିଆରି ହୋଇପାରେ ନାହିଁ; ସେହି ପରମେଶ୍ୱର ସକଳ ମନୁଷ୍ୟଙ୍କ ବୁଦ୍ଧି ଓ କର୍ମର ସଂଯୋଗକୁ ଜାଣନ୍ତି, ସେଥିରେ ବ୍ୟାପ୍ତ ଅଟନ୍ତି । ପ୍ରଭୁ ଝାଡୁ ମାରି ଓ ଚାକିରୀ କରି ନିଜ ଭକ୍ତଙ୍କ ସହାୟତା କରନ୍ତି ନାହିଁ; ବରଂ ପ୍ରଭୁଭକ୍ତ, ପ୍ରଭୁଆଶ୍ରିତ, ପ୍ରଭୁଙ୍କ ଭରସାରେ ଚଳୁଥିବା ଲୋକର ବୁଦ୍ଧିରେ ପ୍ରଭୁଙ୍କ ସହାୟତା ପ୍ରବେଶ କରିଯାଏ । ପ୍ରଭୁଙ୍କ ଭକ୍ତି କରିବା ଦ୍ୱାରା ସିଏ ଭକ୍ତଙ୍କ ବୁଦ୍ଧିକୁ ସ୍ୱ କର୍ତ୍ତବ୍ୟକୁ ଉଚିତ ରୂପେ ସମ୍ପାଦନ କରିବାର ପ୍ରେରଣା ଦିଅନ୍ତି— **'ଧିୟୋ ୟୋ ନଃ ପ୍ରଚୋଦୟାତ୍'** (ୟଜୁଃ. ୩୬:୩) ।

**ଗ. ପଶ୍ୟତ —** ବର୍ତ୍ତମାନ 'ପଶ୍ୟତ' ଶବ୍ଦ ଉପରେ ବିଚାର କରିବା । ଦର୍ଶନାର୍ଥକ **'ଦୃଶିର୍ ପ୍ରେକ୍ଷଣେ'** ଧାତୁର ଲୋଟ୍ ଲକାର, ମଧ୍ୟମ ପୁରୁଷ, ବହୁବଚନ ରୂପ ହେଲା **'ପଶ୍ୟତ'** । ଲୋଟ୍ ଲକାରର ପ୍ରୟୋଗ ପରାମର୍ଶ ନୁହେଁ, ଆଦେଶ । 'ପଶ୍ୟତ'ର ଅର୍ଥ 'ଦେଖ' । ଏହି 'ପଶ୍ୟତ' ଉପରେ ବି ଗଭୀରତାର ସହ ବିଚାର କରିବାର ଆବଶ୍ୟକତା ଅଛି ।

ଏଠାରେ 'ପଶ୍ୟତ' ଶବ୍ଦର ପ୍ରୟୋଗ କ'ଣ କେବଳ ଚାକ୍ଷୁଷ ବ୍ୟାପାର, କେବଳ ଆଖିରେ ଦେଖିବା ପାଇଁ ଅଭିପ୍ରେତ ଅଟେ ? ଯେତେବେଳେ ଆମେ କୌଣସି କର୍ମକୁ ଦେଖୁ ସେତେବେଳେ ଏହି ଦେଖିବା ୨ ପ୍ରକାର ହୋଇଥାଏ— ୧. ସ୍ଥୂଳ ଅର୍ଥାତ୍ କେବଳ ଘଟଣାକୁ ଦେଖିବା, ୨. ସେହି ନିୟମ, କାରଣର ଜ୍ଞାନ ପ୍ରାପ୍ତ କରିବା ଯାହା ଯୋଗୁଁ ସେହି ଘଟଣା ଘଟିଛି । ଅତଃ ଦ୍ୱିତୀୟ ପ୍ରକାର 'ଦର୍ଶନ'ର ଅର୍ଥ ହେଲା ସମ୍ୟକ୍ ଜ୍ଞାନ ପ୍ରାପ୍ତି । ଏହାକୁ ବୁଝିବା ପାଇଁ ଏକ ସାଧାରଣ ଘଟଣା ଉପରେ ବିଚାର କରାଯାଉ । ମନେକର ଆମେ ଘର ଭିତରେ ଅଛେ । କେହି ଜଣେ ଦ୍ୱାରରେ କରାଘାତ କଲେ । ଆମେ ଆମ ସେବକକୁ କହିଲେ— 'ଦେଖିଲ, କିଏ ଆସିଛନ୍ତି ?' ଯଦି ସେବକ ବୁଦ୍ଧିହୀନ, ତେବେ ସେ ଦ୍ୱାର ପାଖକୁ ଯିବ, ତାଙ୍କୁ ଦେଖିବ, ଏବଂ ଫେରି ଆସି ଉତ୍ତର ଦେବ— 'ଜଣେ ବ୍ୟକ୍ତି ।' ଏ ଉତ୍ତର ବି ଠିକ୍ । ଆମେ କହିଥିଲେ— 'ଦେଖ' । ସିଏ ଦେଖିକି ଆସିଲା । କିନ୍ତୁ ଆମେ ତା'ର ଉତ୍ତରରେ ସନ୍ତୁଷ୍ଟ ହେବା ନାହିଁ । କାରଣ ଆମ କହିବାର ତାତ୍ପର୍ଯ୍ୟ ସେଇଆ ନ ଥିଲା । ବୁଦ୍ଧିମାନ୍ ସେବକର ଉତ୍ତର ଅନ୍ୟ ପ୍ରକାର ହେବ । ସିଏ କହିବ— 'ଅମୁକ ବ୍ୟକ୍ତି ଅମୁକ କାମରେ ଆସିଛନ୍ତି ।' ବସ୍ତୁତଃ ଆମେ ଯେତେବେଳେ 'ଦେଖ' ବୋଲି ସେବକକୁ କହିଲେ, ସେତେବେଳେ ସେହି ଶବ୍ଦ ମାଧ୍ୟମରେ ଆମ ତାତ୍ପର୍ଯ୍ୟ ଏହି ଦ୍ୱିତୀୟ ପ୍ରକାର ଦର୍ଶନ ଥିଲା ।

ଆମେ ରୋଗୀକୁ ଡାକ୍ତର, ବୈଦ୍ୟଙ୍କ ପାଖକୁ ନେଇ କହୁ— 'ଦେଖନ୍ତୁ, ଏହାକୁ କ'ଣ ହୋଇଛି ?' ମାଲିକ କ୍ୟାସିଅରକୁ କହନ୍ତି— 'ଦେଖିଲ, ଆଗାମୀ ସପ୍ତାହରେ ଏତିକି ହଜାର, ଲକ୍ଷ ଟଙ୍କା ଦେବାକୁ ଅଛି, କେମିତି ଦିଆଯିବ ?' ଏଠାରେ ବି ଦେଖ କହିବାର ଅଭିପ୍ରାୟ ଏ ବିଷୟକ ସମ୍ୟକ୍ ଚିନ୍ତନ କର, ସମ୍ୟକ୍ ଜ୍ଞାନ ପ୍ରାପ୍ତ କର ।

ଏ ସଂସାରରେ ଏପରି କିଏ ଅଛି ଯିଏ କି ବିଷ୍ଣୁଙ୍କ କର୍ମକୁ ଦେଖୁନାହିଁ ? କୁକୁର, ଗଧ, ଘୁଷୁରୀ, ଛେଳି, ମେଣ୍ଢା ଆଦି ଯାହାର ବି ଆଖି ଅଛି ସିଏ ଦେଖୁଛି । ପୁଣି ଦେଖ

ବୋଲି କହିବାର ଅର୍ଥ କ'ଣ ? ଯେହେତୁ ବେଦର ମୁଖ୍ୟ ଆଦେଶ ହେଲା ଯେ 'ବିଷ୍ଣୁଙ୍କ କର୍ମକୁ ଦେଖ' ତ ସେଠାରେ 'ଦେଖ'ର ନିଶ୍ଚିତ ତାତ୍ପର୍ଯ୍ୟ ହେଲା ଯେ ସମ୍ୟକ୍ ଜ୍ଞାନ ପ୍ରାପ୍ତ କର । ସାଧାରଣ ମଣିଷର ଆଖି ଆଗରେ ବିଷ୍ଣୁଙ୍କର ବହୁତଗୁଡ଼ିଏ କାମ ହେଉଛି । ସୂର୍ଯ୍ୟ ଉଦୟ ହେଉଛି, ନଦୀ ବହୁଛି, ଗଛ ବଢୁଛି, ବିଜୁଳି ଚମକୁଛି । କିନ୍ତୁ ଏସବୁ ତ ଘଟଣାମାତ୍ର । ଘଟଣାଗୁଡ଼ିକୁ କେବଳ ଦେଖିବାର ନାମ ସମ୍ୟକ୍ ଜ୍ଞାନ ନୁହେଁ କି ଏହାଦ୍ୱାରା ଆସ୍ତିକତାର ଭାବନା ଉତ୍ପନ୍ନ ହୁଏ ନାହିଁ । ଘଡ଼ିକୁ କେବଳ ଦେଖିବା ଦ୍ୱାରା ଘଡ଼ିନିର୍ମାତା ବିଷୟରେ ବିଶେଷ ଜ୍ଞାନ ହୁଏ ନାହିଁ କି ସେହି ଦେଖିବାର କୌଣସି ବିଶେଷ ଲାଭ ନାହିଁ । ଯଦି ଆଖିରେ କେବଳ ଦେଖିବା ହିଁ ଦର୍ଶନ କ୍ରିୟାର ଉଦ୍ଦେଶ୍ୟ ହୋଇଥାନ୍ତା ତେବେ ସେ ଦେଖିବାର କୌଣସି ବିଶେଷ ମହତ୍ତ୍ୱ ନ ଥାନ୍ତା । ଯେଉଁ ଚୌକିଦାର ଚୋରକୁ କେବଳ ଦେଖେ ଏବଂ ଦେଖିବା ପରେ କ'ଣ କରିବା ଉଚିତ ସେ ଜ୍ଞାନ ରଖେ ନାହିଁ, ସେହି ଚୌକିଦାରକୁ ରଖି ଲାଭ କ'ଣ ? ଦେଖିବାର ପୂରା ଅର୍ଥ ବୁଝାଇବା ପାଇଁ ହିଁ ମନ୍ତ୍ରର ପରବର୍ତ୍ତୀ ଭାଗ- **'ଯତଃ ବ୍ରତାନି ପସ୍ପଶେ'** ଉଦ୍ଦିଷ୍ଟ । 'ଯତଃ' ଅର୍ଥାତ୍ ଯଦ୍ଦ୍ୱାରା, ଯାହାର ସହାୟତାରେ । କାହାର ? ସେସବୁ କର୍ମର ଅର୍ଥାତ୍ ବିଷ୍ଣୁଙ୍କ ସେସବୁ କର୍ମର ସମ୍ୟକ୍ ଜ୍ଞାନର ସହାୟତାରେ । **'ବ୍ରତାନି ପସ୍ପଶେ'**- ମଣିଷ ନିଜ ବ୍ରତସମୂହର ଅନୁଷ୍ଠାନ କରିପାରେ । ଅତଃ ବିଷ୍ଣୁଙ୍କ କର୍ମକୁ ଦେଖିବା ଆମର ନିରର୍ଥକ କାର୍ଯ୍ୟ ନୁହେଁ । ଏଥିରେ ଆମର ହିଁ କଲ୍ୟାଣ ଅଛି, ସ୍ୱାର୍ଥ ଅଛି । ଆମେ ନିଜ ବ୍ରତସମୂହକୁ ଅନୁଷ୍ଠାନ କରିବାକୁ ଚାହୁଁ । ଏହି ଅନୁଷ୍ଠାନ ପାଇଁ ବିଷ୍ଣୁଙ୍କ କର୍ମକୁ ଦେଖିବା ଆବଶ୍ୟକ ।

ଉଦ୍ଭିଦବିଜ୍ଞାନୀ ଗୋଲାପ ଫୁଲକୁ ଦେଖେ, କବି ବି ଦେଖେ, ଭକ୍ତ ବି ଦେଖେ । ସମସ୍ତଙ୍କ ଦେଖିବା କ'ଣ ସମାନ ? ପ୍ରକୃତିର ସବୁଜିମା, ବିବିଧ ପ୍ରକାର ପତ୍ର-ଫୁଲ-ଫଳର ସମ୍ଭାର, ଶ୍ରାବଣ-ଭାଦ୍ରବର ମେଘମାଳା, ଶରଦ ପୂର୍ଣ୍ଣିମାର ନିର୍ମଳ ଜ୍ୟୋତ୍ସ୍ନା ଆଦିକୁ ଆଖି ଥିବା ସବୁ ଲୋକେ ଦେଖନ୍ତି । କିଏ ମସ୍ତିଷ୍କର ଆଖିରେ ତ କିଏ ହୃଦୟର ଆଖିରେ, ଆଉ କିଏ ଭାବ-ଭକ୍ତିର ଆଖିରେ ।

ବୃକ୍ଷରୁ ଫଳ ତଳକୁ ପଡ଼ିବା ଆମେ ସମସ୍ତେ ଦେଖିଆସୁଛେ । ଏପରି ଲକ୍ଷ-ଲକ୍ଷ ଘଟଣା ଆମେ ଦେଖୁ । ନିଉଟନ୍ ମଧ ସେଓକୁ ତଳକୁ ପଡୁଥିବାର ହିଁ ଦେଖିଥିଲେ । ଜେମ୍ସ ୱାଟ୍ ମଧ କେଟ୍‌ଲିର ପାଣି ଫୁଟିବାରୁ ବାଷ୍ପ ଦ୍ୱାରା ଢାଙ୍କୁଣି ଉପରକୁ ଉଠୁଥିବାର ହିଁ ତ ଦେଖିଥିଲେ । ମୂଳଶଙ୍କର ମଧ୍ୟ ପଥରର ଶିବଲିଙ୍ଗ ଉପରେ ମୂଷାମାନଙ୍କ ଦୌରାତ୍ମ୍ୟ ହିଁ ତ ଦେଖିଥିଲେ । ରାଜପୁତ୍ର ସିଦ୍ଧାର୍ଥ ବି ରୋଗୀ, ବୃଦ୍ଧ, ଶବ ଓ ସନ୍ଥ ହିଁ ତ ଦେଖିଥିଲେ । କିନ୍ତୁ ସେମାନଙ୍କ ଦେଖିବା ଯଥାର୍ଥ ଦର୍ଶନ ଥିଲା । ସେମାନଙ୍କ ହୃଦୟର ଆଖି, ବିଚାର-ଚିନ୍ତନ ରୂପକ ମସ୍ତିଷ୍କର ଆଖି, ଜ୍ଞାନ-ନେତ୍ର ଖୋଲାଥିଲା । ତେଣୁ ସେମାନଙ୍କୁ ସମ୍ୟକ୍ ଜ୍ଞାନ ପ୍ରାପ୍ତ ହେଲା । ବାଳକ ମୂଳଶଙ୍କରଙ୍କ ଯଥାର୍ଥ ଦର୍ଶନକୁ ଆର୍ଯ୍ୟକବୀନ୍ଦ୍ର ମେଧାବ୍ରତାଚାର୍ଯ୍ୟ ବଡ଼ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି—

**କିୟତ୍ୟୋ ନୋ ଜାତା ଜଗତି ଶିବରାତ୍ର୍ୟୋ ନନୁ ପୁରା,**
**କିୟଦ୍‌ଭିର୍ନାକାରି ପ୍ରଥିତଶିବରାତ୍ରୀ ବ୍ରତବିଧିଃ ।**
**ପରଂ ସା କାପ୍ୟାସୀଦ୍ ବ୍ରତିବର ! ଜଗନ୍ମଙ୍ଗଳକରୀ,**
**ସବିତ୍ରୀ ଜ୍ଞାନାନାମମୃତଫଳଦାତ୍ରୀ ତବ ଯତେ ! ॥**

(ଦୟାନନ୍ଦଲହରୀ. ୧୧)

ଯେବେଠାରୁ ଶିବରାତ୍ରି ବ୍ରତ ଆରମ୍ଭ ହୋଇଛି ଅଦ୍ୟାବଧି କେତେ ଯେ ଶିବରାତ୍ରି ଅତୀତରେ ନ ଯାଇଛି ! କେତେକେତେ ଲୋକ ବା ଶିବରାତ୍ରି ନ କରିଛନ୍ତି ! କିନ୍ତୁ ହେ ବତ୍ରିବର, ବ୍ରହ୍ମଚାରୀଙ୍କ ଭୂଷଣ, ସନ୍ନ୍ୟାସୀପ୍ରବର ! ସେହି ଶିବରାତ୍ରି ଆପଣଙ୍କ ପାଇଁ ବିସ୍ମୟକାରୀ ଜଗତ-ମଙ୍ଗଳକାରିଣୀ, ଜ୍ଞାନ-ଉତ୍ପାଦିକା, ଅମୃତ ଫଳଦାତ୍ରୀ ହୋଇପାରିଛି ।

ଅତଃ 'ପଶ୍ୟତ'ର ଆୟତନ ସମସ୍ତ ଜ୍ଞାନେନ୍ଦ୍ରିୟ, ଚିନ୍ତନ, ମନନ, ଭାବନା, ସବୁକୁ ନିଜ ଭିତରେ ଅନ୍ତର୍ଭୁକ୍ତ କରୁଛି । ଏହି 'ପଶ୍ୟତ'ର ପରିସୀମା ଏତେ ବ୍ୟାପକ ଯେ

ସମଗ୍ର ଜୀବନର କ୍ରିୟାକଳାପ, ବାତାବରଣ ସବୁ ସେଥିରେ ଅନ୍ତର୍ଭୁକ୍ତ ହୋଇ ରହିଛି ।

ବର୍ତ୍ତମାନ ମନ୍ତ୍ରର ଦ୍ୱିତୀୟ ଖଣ୍ଡ ଉପରେ ବିଚାର କରିବା—

**୨. ଯତୋ ବ୍ରତାନି ପସ୍ପଶେ— (ଯତଃ)** ଯାହା ଯୋଗୁଁ, ଯାହାର ସହାୟତାରେ ଆମର (ବ୍ରତ) ସଦାଚରଣ ପୂର୍ଣ୍ଣ ହୋଇଥାନ୍ତି । ଆମେ କାହିଁକି ଦେଖିବା ବିଷ୍ଣୁଙ୍କ କର୍ମଗୁଡ଼ିକୁ ? କାରଣ 'ଯତଃ ବ୍ରତାନି ପସ୍ପଶେ'- ଯେଉଁ ବିଷ୍ଣୁଙ୍କ କର୍ମ ଦ୍ୱାରା ହିଁ ତ ଆମର ସକଳ ବ୍ରତ ସମ୍ପନ୍ନ, ପରିପୂର୍ଣ୍ଣ ହୋଇଥାଏ । ଏହି କଥାକୁ ଏଭଳି ବି କୁହାଯାଇପାରେ ଯେ ବିଷ୍ଣୁ ଭଗବାନଙ୍କ କୃପାରେ ଆମକୁ ସଂସାରର ସେସବୁ ସୁବିଧା, ଶକ୍ତି ଉପଲବ୍ଧ ହୋଇଥାଏ ଯଦ୍ଦ୍ୱାରା ଆମେ ନିଜର ବ୍ରତସମୂହକୁ; ଯଥା— ବ୍ରହ୍ମଚର୍ଯ୍ୟ, ସଦାଚରଣ, ସେବା, ପରୋପକାର ଆଦି ଜୀବନର ସତ୍‌କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିପାରିଥାଉ । ପ୍ରଭୁଙ୍କ କାର୍ଯ୍ୟ, ସୃଷ୍ଟିର ବ୍ୟବସ୍ଥାଗୁଡ଼ିକ ଆମ କାର୍ଯ୍ୟକୁ ପୂର୍ଣ୍ଣ କରିବାରେ ଆମକୁ ସମର୍ଥ କରନ୍ତି ।

ପରମାତ୍ମା ସାଧନ ରୂପେ ଇନ୍ଦ୍ରିୟ, ଶରୀର, ବୁଦ୍ଧି-ମନ ଆଦି ଅନ୍ତଃକରଣ, ଅନ୍ନ, ଜଳ, ବାୟୁ ଆଦି ମହାଭୂତ ସବୁ ଦେଇଛନ୍ତି । ଏସବୁର ସହଯୋଗରେ ହିଁ ଆମେ ସକଳ ସତ୍‌କର୍ମ କରିପାରୁଛୁ ।

ବିଷ୍ଣୁ ଭଗବାନଙ୍କ କାର୍ଯ୍ୟଗୁଡ଼ିକୁ ଦେଖି, ନିରେଖି, ପରଖି ଆମେ ନିଜ ବ୍ରତ, ବ୍ୟବହାର, ଶୁଭ-ମଙ୍ଗଳମୟ କାର୍ଯ୍ୟଗୁଡ଼ିକୁ ପୂର୍ଣ୍ଣ କରିଥାଉ । ଆମେ ଜାଣୁ ଯେ ମଞ୍ଜି ବୁଣିଲେ ହିଁ ଶସ୍ୟ ଉତ୍ପନ୍ନ ହେବ । ସଦାଚାର ଓ ନିୟମର ପାଳନ କରିବା ଦ୍ୱାରା ହିଁ ଶରୀର-ସ୍ୱାସ୍ଥ୍ୟ, ବିଦ୍ୟା-ବ୍ୟବସାୟ ସବୁ କିଛି ସଫଳତା ପୂର୍ବକ ସମ୍ପନ୍ନ ହୋଇଥାଏ । ବିଦ୍ୟା ହେଉ କି କଳା, କୃଷି ହେଉ କି ବାଣିଜ୍ୟ, ସଂସାରରେ ଯେତେ ବି କାର୍ଯ୍ୟ ଅଛି ସେସବୁର ନିଶ୍ଚିତ କାରଣ ଅଛି । କାର୍ଯ୍ୟ-କାରଣ ସମ୍ବନ୍ଧ ସର୍ବତ୍ର ଅଛି ଏବଂ ତାହା ମଧ୍ୟ ନିଶ୍ଚିତ । ପାଣି ଦ୍ୱାରା ସିଞ୍ଚନ କରାଯାଏ, ନିଆଁରେ ଜଳାଯାଏ । ବ୍ୟାୟାମ, ଆହାର, ବ୍ରହ୍ମଚର୍ଯ୍ୟ, ଦିନଚର୍ଯ୍ୟା ଆଦି ସବୁର ଈଶ୍ୱରୀୟ ନିୟମ ଅନୁରୂପ ପ୍ରଭାବ ପଡ଼ିଥାଏ । ଏଣୁ ଜୀବନଯାତ୍ରାର ଏ ସକଳ କାର୍ଯ୍ୟ ହୋଇପାରିବ ନାହିଁ ଯଦି ପ୍ରଭୁଙ୍କ କ୍ରିୟାଗୁଡ଼ିକ ନ ରହେ ।

ଏଣୁ ମନ୍ତ୍ରରେ କୁହାଯାଇଛି ଯେ ସର୍ବବ୍ୟାପକ ପରମେଶ୍ୱର ବିଷ୍ଣୁ ଭଗବାନଙ୍କ କାର୍ଯ୍ୟକୁ ଦେଖ, ନିରୀକ୍ଷଣ କର, ନିଜ ସହ ସେ ସବୁର ସମ୍ପର୍କ-ପ୍ରଭାବକୁ ବୁଝ; କାରଣ ସେ ସବୁର ସହାୟତାରେ ଆମର ସକଳ କାର୍ଯ୍ୟ ପୂର୍ଣ୍ଣ, ସମ୍ପନ୍ନ ହୋଇଥାଏ ।

'ବ୍ରତ'ର ଅର୍ଥ ହେଲା ସଂକଳ୍ପ, କର୍ତ୍ତବ୍ୟପାଳନ । ଚେତନ ଜୀବ ହୋଇଥିବା କାରଣରୁ ଜାଗ୍ରତାବସ୍ଥାରେ ଆମେ କିଛି ନା କିଛି କାମ ତ କରୁଥାଉ । କର୍ତ୍ତୁମ୍, ଅକର୍ତ୍ତୁମ୍, ଅନ୍ୟଥା କର୍ତ୍ତୁମ୍ - କରିବା, ନ କରିବା, ଓଲଟା କରିବା - ଚେତନର ଏ ତିନି ଲକ୍ଷଣ ଅଛି । କରିବା ତ ଏକ କ୍ରିୟା । ନ କରିବାକୁ ମଧ୍ୟ ଏକ ଦୃଷ୍ଟିରୁ ଏକ ପ୍ରକାର କ୍ରିୟା ବୋଲି କୁହାଯାଇପାରେ, କାରଣ ଏହା ଦ୍ୱାରା କ୍ରିୟାର ପ୍ରବାହକୁ ରୋକିବାକୁ ପଡ଼ିଥାଏ । ଯେପରିକି ବହୁଥିବା ଜଳର ଧାରାକୁ ରୋକିବା ପାଇଁ ବନ୍ଧ ବାନ୍ଧିବା ମଧ୍ୟ ଏକ କ୍ରିୟା । ସେହିପରି ଅନୁଚିତ କର୍ମ କରିବା ପାଇଁ ତୀବ୍ରତା ପୂର୍ବକ ମନରେ ଉଠୁଥିବା ଭାବନାକୁ କ୍ରିୟାନ୍ୱିତ ନ କରିବା ପାଇଁ ମାନସିକ କ୍ରିୟା ରୂପେ ପ୍ରତିପକ୍ଷ ଭାବନା କରି ବିଚାର ପୂର୍ବକ ଦୃଢ଼ ଭାବେ ଅଟକାଇ ରଖିବା ମଧ୍ୟ ଏକ କ୍ରିୟା । କ'ଣ ଏପରି କୌଣସି ଚେତନ ମଧ୍ୟ ଅଛି ଯିଏ କି କେବେ ମଧ୍ୟ କୌଣସି କାମ କରେ ନାହିଁ ? ଚେତନ ମାତ୍ରକେ ସିଏ କୌଣସି ନା କୌଣସି କାମ ଅବଶ୍ୟ କରିବ ଏବଂ ତା'ର ଏ କାମ କର୍ତ୍ତୁମ୍, ଅକର୍ତ୍ତୁମ୍ ଓ ଅନ୍ୟଥା କୁର୍ତ୍ତମ୍‌ର ଶ୍ରେଣୀ ମଧ୍ୟରେ ଅନ୍ତର୍ଗତ ହିଁ ହେବ । ପରନ୍ତୁ ପ୍ରତ୍ୟେକ କ୍ରିୟା କର୍ତ୍ତବ୍ୟ ନୁହେଁ । 'କୃ' ଧାତୁରେ 'ତବ୍ୟ' ବା 'ତବ୍ୟତ୍' ପ୍ରତ୍ୟୟ ଲଗାଇବାର ଏକ ବିଶେଷ ପ୍ରୟୋଜନ ଅଛି । 'କର୍ତ୍ତବ୍ୟ' ତାହା ଯାହାଦ୍ୱାରା ସଦୁଦ୍ଦେଶ୍ୟ ପୂର୍ଣ୍ଣ ହୁଏ । କର୍ତ୍ତବ୍ୟର ପୂର୍ତ୍ତି ତ ବିଷ୍ଣୁଙ୍କ କାମର

ସମ୍ୟକ୍ ଜ୍ଞାନ ପ୍ରାପ୍ତ କରିବା ଦ୍ୱାରା ହିଁ ହେବ । ମଣିଷର ସ୍ୱଭାବ ହେଲା ଯେ ସେ ଅନୁକରଣ କରେ ଅର୍ଥାତ୍ କାହାକୁ କୌଣସି କାମ କରୁଥିବାର ଦେଖିଲେ ନିଜେ ମଧ୍ୟ ସେପରି କରିବାକୁ ପ୍ରଯତ୍ନ କରେ । କିନ୍ତୁ ଅନୁକରଣ ଓ ନିର୍ବାଚନ ମଧ୍ୟରେ ପ୍ରଭେଦ ଅଛି । ଯେଉଁ କ୍ରିୟା କେବଳ ଅନୁକରଣ ରୂପରେ କରାଯାଏ ତାହା କର୍ତ୍ତବ୍ୟ ନୁହେଁ, ବ୍ରତ ନୁହେଁ । ବହୁ କର୍ମ ମଧ୍ୟରୁ ଯେଉଁସବୁ କରିବା ତା' ପାଇଁ ସମ୍ଭବ, ଉଚିତ ତଥା ଯାହା କରିବା ପାଇଁ ତା'ର ପ୍ରବୃତ୍ତି ଅଛି, ଯେତେବେଳେ ଜଣେ ସେପରି କୌଣସି ଏକ କର୍ମ ଚୟନ କରି ତାକୁ କରେ ତେବେ ଏହା 'ବ୍ରତ' ବୋଲାଇଥାଏ । ମୋ ଆଗରେ ସିଧା-ବଙ୍କା ଅନେକ ମାର୍ଗ ଅଛି । ଅନେକେ ସେଥିରେ ଯାଉଛନ୍ତି । ମୋର ସ୍ୱତନ୍ତ୍ରତା ଅଛି କି ସେସବୁ ରାସ୍ତା ମଧ୍ୟରୁ ମୁଁ କୌଣସି ଗୋଟିଏରେ ଚାଲିବି, ପରିଣାମ ଭଲ କି ଖରାପ ଯାହା ବି ହେଉ । ଏହା ଅନୁକରଣ ତ ହେଲା । କିନ୍ତୁ ଉଚିତ-ଅନୁଚିତ, ଆବଶ୍ୟକ-ଅନାବଶ୍ୟକ ଆଧାରରେ ନିର୍ବାଚନର ଅଂଶ ନ ହେବା କାରଣରୁ ଏହା ବ୍ରତ ନୁହେଁ । ବ୍ରତ ତାହା ହେବ ଯାହାକୁ ମୁଁ କେବଳ ଏଥିପାଇଁ କରିବି ନାହିଁ ଯେ ଏହାକୁ ଅନ୍ୟମାନେ କରନ୍ତି, ଅପିତୁ ଏଥିପାଇଁ କରିବି ଯେ ଅନେକ ମାର୍ଗ ମଧ୍ୟରୁ ଗୋଟିଏ ମାର୍ଗ ଏପରି ଅଛି ଯଦ୍ଦ୍ୱାରା ମୋର ବାସ୍ତବିକ ଉଦ୍ଦେଶ୍ୟ ପୂର୍ଣ୍ଣ ହେବ । ବେଦରେ କୁହାଯାଇଛି— **'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ'**(ଯଜୁଃ. ୩୧:୧୮) — ପରମପଦ ପ୍ରାପ୍ତି ପାଇଁ ଅନ୍ୟ କୌଣସି ମାର୍ଗ ନାହିଁ । ଅତଃ ବିଷ୍ଣୁଙ୍କ ସହସ୍ର କର୍ମକୁ ଦେଖି ସେସବୁର କେବଳ ଅନୁକରଣ କର ନାହିଁ, ଅପିତୁ ପରିସ୍ଥିତିକୁ ଦେଖି ଓ ନିଜ ଲକ୍ଷ୍ୟ ଉପରେ ଧ୍ୟାନ ରଖି ଏହା ନିର୍ବାଚନ କରିବାକୁ ହେବ ଯେ ମୋ ପାଇଁ ଏହି ମାର୍ଗ ଠିକ୍ ରହିବ । ଏହା ହିଁ ବ୍ରତ । ଯେଉଁମାନେ କେବଳ ପ୍ରକୃତିର ଅନୁକରଣ କରନ୍ତି, ସେମାନେ ଗୋଲକଧନ୍ଦାରେ ପଡ଼ିଯାଆନ୍ତି । ମନୁଷ୍ୟକୁ ନିଜ ବ୍ରତ ନିଶ୍ଚୟ କରିବାକୁ ହେବ ଏବଂ ବିଷ୍ଣୁଙ୍କ କର୍ମଗୁଡ଼ିକୁ ଦେଖି ସେସବୁରୁ ଶିକ୍ଷା ଗ୍ରହଣ କରିବାକୁ ହେବ ।

ସଂସାରର ବୈଜ୍ଞାନିକମାନେ ବିଷ୍ଣୁଙ୍କ କର୍ମଗୁଡ଼ିକୁ ଅର୍ଥାତ୍ ପ୍ରାକୃତିକ ଘଟଣାବଳୀକୁ ନିରୀକ୍ଷଣ କରନ୍ତି ଏବଂ ସେସବୁର ଅନୁକରଣ କରନ୍ତି । ମାଛର ପହଁରା ଦେଖି ତା'ର ଶରୀରକୁ ଅନୁକରଣ କରି ନୌକା ତିଆରି କରନ୍ତି । ପକ୍ଷୀମାନଙ୍କ ଉଡ଼ିବା ଦେଖି ସେମାନଙ୍କୁ ଅନୁକରଣ କରି ବିମାନ ନିର୍ମାଣ କରନ୍ତି । ଏସବୁ ଅନୁକରଣ ଅଟେ ଏବଂ ଅନୁକରଣ ବିଜ୍ଞାନର ଆଧାରଭୂତ ସିଦ୍ଧାନ୍ତ । ପରନ୍ତୁ ବିଜ୍ଞାନର ମୁଖ୍ୟ ପ୍ରୟୋଜନ ସେତେବେଳେ ସିଦ୍ଧ ହୁଏ ଯେତେବେଳେ ମନୁଷ୍ୟ ମାଛ ବା ପକ୍ଷୀଙ୍କ ଉଦ୍ଦେଶ୍ୟ ଓ ମାନବ-ଜାତିର ଉଦ୍ଦେଶ୍ୟ ମଧ୍ୟରେ ପ୍ରଭେଦ କରି ନିଜର ବୃହତ୍ତର ଲାଭ ପାଇଁ ନୌକା ଓ ବିମାନର ପ୍ରୟୋଗ କରେ । ବେଦମନ୍ତ୍ର ଏହା କହେ ନାହିଁ କି ବିଜ୍ଞାନ ନାସ୍ତିକତା ବା ନାସ୍ତିକତାର ପୋଷକ ଅଟେ । ବହୁତ ମତମତାନ୍ତର ଅଛନ୍ତି ଯେଉଁମାନେ ପ୍ରାକୃତିକ ନିୟମଗୁଡ଼ିକର ନିରୀକ୍ଷଣ ବା ପରୀକ୍ଷଣ ମାତ୍ରକୁ ନିରୀଶ୍ୱରବାଦ ବୋଲି କହନ୍ତି । ସେମାନେ କହନ୍ତି କି ଅଲ୍ଲାହଙ୍କ କାମରେ ଦଖଲ ଦିଅ ନାହିଁ । ତାଙ୍କର ଭେଦକୁ ବୁଝିବାକୁ ଚେଷ୍ଟା କର ନାହିଁ । ଅଲ୍ଲାହଙ୍କ ଭେଦକୁ କିଏ ଜାଣିପାରିବ ? ଅଲ୍ଲାହଙ୍କ କଥା ଅଲ୍ଲାହ ହିଁ ଜାଣନ୍ତି । ପ୍ରକୃତିର ଯବନିକା ଚିରି ତା' ଭିତରକୁ ଦେଖିବା ଈଶ୍ୱରଙ୍କୁ କ୍ରୋଧିତ କରିବା ଅଟେ । ଧର୍ମ-ଈଶ୍ୱର ସମ୍ପର୍କିତ କାର୍ଯ୍ୟରେ ବୁଦ୍ଧି ପ୍ରୟୋଗ କରିବା ଅନୁଚିତ । ଏଇଥିପାଇଁ ବୈଜ୍ଞାନିକ ଓ ତଥାକଥିତ ଈଶ୍ୱରଭକ୍ତଙ୍କ ମଧ୍ୟରେ ବହୁ ଦିନରୁ ଯୁଦ୍ଧ ଚାଲିଆସୁଛି । କେଉଁଠି ଶୀତ ଯୁଦ୍ଧ(କୋଲ୍ଡ୍ ୱାର୍) ତ କେଉଁଠି ଉଷ୍ମ ଯୁଦ୍ଧ । ଆଜିକାଲି ବି ଅଛି ଏବଂ ଆଗରୁ ବି ଥିଲା । ଏଭଳି ପ୍ରତୀତ ହେଉଛି ଯେ ପ୍ରକୃତିର ନିରୀକ୍ଷକ ଓ ପରୀକ୍ଷକ ଯେଉଁ ବୈଜ୍ଞାନିକମାନେ ଅଛନ୍ତି, ସେମାନଙ୍କର ଏକ ଅଲଗା ଦଳ ଅଛି ଏବଂ ଈଶ୍ୱରଙ୍କୁ ମାନୁଥିବା, ତାଙ୍କ ସ୍ତୁତି ଓ ପୂଜା କରୁଥିବା ଧାର୍ମିକ ଲୋକଙ୍କର ଅଲଗା ଦଳ ଅଛି । ଏ ବେଦମନ୍ତ୍ରର ଭାବନା ଏହାର ବିପରୀତ । ବେଦମନ୍ତ୍ରର ଉପଦେଶ ହେଲା ଯେ ବିଷ୍ଣୁଙ୍କ କର୍ମକୁ ଦେଖ-ସ୍ଥୂଳ କର୍ମଗୁଡ଼ିକୁ, ସୂକ୍ଷ୍ମକର୍ମକୁ, ବାହ୍ୟକର୍ମକୁ ଓ ଆନ୍ତରିକ କର୍ମକୁ । ଛୋଟ-ବଡ଼ ସବୁ କର୍ମକୁ ଆଖି ଖୋଲି ଦେଖ, ପରିଶ୍ରମ

କରି ଦେଖ ଓ ବୁଦ୍ଧିର କଷଟିରେ ପରୀକ୍ଷା କରି ଦେଖ । ସେତେବେଳେ ଯାଇ ଜଣାଯିବ ଯେ ସୃଷ୍ଟିର ମୌଳିକ ନିୟମ ତାହା ହିଁ ଅଟେ ଯାହାକି ଧର୍ମର ମୌଳିକ ନିୟମ । ଅହିଂସା, ସତ୍ୟ, ଅସ୍ତେୟ ଆଦି ଭୌତିକ ଜଗତର ବି ସେହିଭଳି ନିୟାମକ ଯେପରିକି ଆଧ୍ୟାତ୍ମିକ ଜଗତର । ପ୍ରକୃତିର ବିରୋଧ କରି କେହି ଈଶ୍ୱରଭକ୍ତ ହୋଇପାରିବ ନାହିଁ, ଯେପରି କି କୌଣସି ରାଜା ବା ଶାସକଙ୍କ ଆଇନକୁ ଭଙ୍ଗ କରି କେହି ସେହି ଶାସକଙ୍କ ଭକ୍ତ ହୋଇପାରିବ ନାହିଁ ।

ବର୍ତ୍ତମାନ ତୃତୀୟ ଖଣ୍ଡ ଉପରେ ବିଚାର କରିବା— **୩. ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା —** ପରମେଶ୍ୱର ବିଷ୍ଣୁ ଇନ୍ଦ୍ରର ଯୁଜ୍ୟ (ଯୋଗ୍ୟତମ, ଯୋଡ଼ି ହୋଇଥିବା) ମିତ୍ର ଅଟନ୍ତି । ଏହି ଖଣ୍ଡରେ ମୁଖ୍ୟ ରୂପେ ବିଚାରଣୀୟ ତ ଇନ୍ଦ୍ର ଶବ୍ଦ । 'ଇନ୍ଦ୍ର' ଶବ୍ଦ ଉଚ୍ଚାରଣ କରିବା ମାତ୍ରେ ସାଧାରଣତଃ ପୌରାଣିକ ଇନ୍ଦ୍ରଙ୍କ କଥା ଆମ ମନକୁ ଆସିଯାଏ । ବେଦରେ ଇନ୍ଦ୍ର ଶବ୍ଦ ପରମେଶ୍ୱର, ଜୀବାତ୍ମା, ରାଜା, ସେନାପତି ଆଦି ଅନେକ ଅର୍ଥରେ ବ୍ୟବହୃତ ହୋଇଛି । ବେଦର ଶବ୍ଦ ଯୌଗିକ ଅର୍ଥାତ୍ ପ୍ରକୃତି ଓ ପ୍ରତ୍ୟୟର ସଂଯୋଗରେ ନିଷ୍ପନ୍ନ । ଏହି ମନ୍ତ୍ରରେ ଇନ୍ଦ୍ରର ଅର୍ଥ ଜୀବାତ୍ମା । ମହର୍ଷି ପାଣିନିଙ୍କ ଅଷ୍ଟାଧ୍ୟାୟୀରେ ସୂତ୍ର ଅଛି **— 'ଇନ୍ଦ୍ରିୟମିନ୍ଦ୍ରଲିଙ୍ଗ-ମିନ୍ଦ୍ରଦୃଷ୍ଟମିନ୍ଦ୍ରସୃଷ୍ଟମିନ୍ଦ୍ରଜୁଷ୍ଟମିନ୍ଦ୍ରଦତ୍ତ ମିତି ବା'** (ଅଷ୍ଟା. ୫:୨:୯୩) । ଇନ୍ଦ୍ରିୟ ତ ଆଖି, ନାକ, କାନ ଆଦି । କାଶିକାକାର କହନ୍ତି**— 'ଇନ୍ଦ୍ର ଆତ୍ମା ସ ଚକ୍ଷୁରାଦିନା କରଣେନାନୁମୀୟତେ ।'** ଆତ୍ମା ଇନ୍ଦ୍ର ଅଟେ ଯାହାର ଅନୁମାନ ଇନ୍ଦ୍ରିୟ ଦ୍ୱାରା କରାଯାଏ । କେନୋପନିଷଦର ବର୍ଣ୍ଣନାରୁ ମଧ୍ୟ ଜ୍ଞାତ ହୁଏ ଯେ ଜୀବାତ୍ମା ଇନ୍ଦ୍ର ଅଟେ ।

ବିଷ୍ଣୁ ଇନ୍ଦ୍ରର ସଖା । ପରମେଶ୍ୱର ଜୀବର ମିତ୍ର । 'ଯୁଜ୍ୟଃ' - ଅତ୍ୟନ୍ତ ଯୋଗ୍ୟ । ଏପରି ମିତ୍ର ଅନ୍ୟ କେହି ନୁହନ୍ତି । ସାଂସାରିକ ମିତ୍ର କେତେ ବି ସହାୟକ ହେଉ, କେତେ ବି ନିଃସ୍ୱାର୍ଥ ହେଉ, ପରମେଶ୍ୱରଙ୍କ ଭଳି ନିଃସ୍ୱାର୍ଥ ତ କେହି ମଧ୍ୟ ହୋଇପାରିବ ନାହିଁ । ସଂସାରରେ ମିତ୍ରତା, ବନ୍ଧୁତ୍ୱ ଏକତରଫା ମାର୍ଗ(One Way) ନୁହେଁ - 'ଅନ୍ୟଠୁ ପାଅ ତ ଅନ୍ୟକୁ ଦିଅ ମଧ୍ୟ ।' କିନ୍ତୁ ପରମେଶ୍ୱର ତ ପରମ ନିଃସ୍ୱାର୍ଥ । ଆମେ କିଛି ଦେବାକୁ ଚାହିଁଲେ ବି ଦେଇପାରିବା ନାହିଁ । ସଂସାରର ସମସ୍ତ ପଦାର୍ଥର ବାସ୍ତବିକ ସ୍ୱାମୀ ତ ସିଏ ଏବଂ ତାଙ୍କର ନିଜର କୌଣସି ଆବଶ୍ୟକତା ନାହିଁ । ତେଣୁ ବିଷ୍ଣୁଙ୍କ ଠାରୁ ଅଧିକ ନିଃସ୍ୱାର୍ଥ ମିତ୍ର ଆଉ କିଏ ହେବ ? ତାଙ୍କର ହିତୈଷିତା ତ ପ୍ରତ୍ୟେକ କର୍ମରୁ ପ୍ରକଟ ହେଉଛି । ବିଷ୍ଣୁ ଆମର ଏପରି ମିତ୍ର, ଏପରି ସଖା ଯିଏ କି ଆମକୁ ସଂସାରର ସର୍ବାଧିକ ମୂଲ୍ୟବାନ୍ ପଦାର୍ଥଗୁଡ଼ିକ ଦିଅନ୍ତି । ଯାହାର କିଡ଼ନି ଖରାପ ହୋଇଯାଏ ସିଏ ବହୁ ମୂଲ୍ୟ ଦେଇ କିଡନି କିଣିବାକୁ ଚେଷ୍ଟା କରେ । ଯଦି କେହି କୌଣସି ରୋଗୀକୁ କିଡନି ଦାନ କରିଦିଏ ତ ସେହି ଦାତା ସେ ରୋଗୀର କେତେ ବଡ଼ ହିତୈଷୀ-ଶୁଭଚିନ୍ତକ ମିତ୍ର-ବନ୍ଧୁ-ସଖା ହେବ । କେହି କୌଣସି ଏକ ଅଙ୍ଗ ଦାନ କରେ ତ ମଣିଷ ତା'ର ଉପକାରର ବୋଝ ତଳେ ଦବିଯାଏ, ତାକୁ ନିଜର ପରମହିତୈଷୀ ବନ୍ଧୁ ବୋଲି ମାନିନିଏ । ଏଠାରେ ତ ପରମେଶ୍ୱରଙ୍କ ସଖ୍ୟର କଥା ଆଲୋଚନା ହେଉଛି । ଈଶ୍ୱର ତ ଆମକୁ ସ୍ନାୟୁ-ତନ୍ତ୍ର, ରକ୍ତ-ସଂଚାଳନ ତନ୍ତ୍ର, ପରିପାକ-ତନ୍ତ୍ର, ଶ୍ୱସନ-ତନ୍ତ୍ର, ଜ୍ଞାନେନ୍ଦ୍ରିୟ, କର୍ମେନ୍ଦ୍ରିୟ, ମସ୍ତିଷ୍କ ଆଦି ସମ୍ବଳିତ ସୁନ୍ଦର ଶରୀର ଦେଇଛନ୍ତି । ଏ ସବୁକିଛି ଅମୂଲ୍ୟ, କିନ୍ତୁ ପରମାତ୍ମା ଆମକୁ ଏସବୁ ବିନା ମୂଲ୍ୟରେ ଦେଇଛନ୍ତି । ଆମେ ଆଖିର ଉପଯୋଗ କରୁ । ଆଖି ଆମର ସାଧନ । କିନ୍ତୁ ପୂର୍ବରୁ ଆମେ ଆଲୋଚନା କରିଛେ କି ଆଖିର ନିର୍ମାତା ତ ବିଷ୍ଣୁ ହିଁ ଅଟନ୍ତି । ଆମ କଲ୍ୟାଣ ପାଇଁ ହିଁ ତ ସିଏ ଆଖି ତିଆରି କରିଛନ୍ତି ଏବଂ ଆଖିର ସହାୟତା ପାଇଁ ସୂର୍ଯ୍ୟ ମଧ୍ୟ ବିଷ୍ଣୁ ହିଁ ତିଆରି କରିଛନ୍ତି । ଏହିପରି ଯେତେ ଅଧିକ ପଦାର୍ଥ ପର୍ଯ୍ୟନ୍ତ ଆମେ ବିଚାର କରିବା ସଂସାରର ପ୍ରତ୍ୟେକ ବସ୍ତୁରୁ ବିଷ୍ଣୁ ଭଗବାନଙ୍କ ମିତ୍ରତାର ପ୍ରମାଣ ମିଳିବ । ତାଙ୍କଠାରୁ ଅଧିକ ମିତ୍ର କିଏ ମିଳିବ ଯାହାର କର୍ମଗୁଡ଼ିକୁ ଦେଖି ଆମେ ନିଜ ବ୍ରତକୁ ଠିକ୍-ଠିକ୍ ଅନୁଷ୍ଠାନ କରିପାରିବା !

**'ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା'**ର ଏକ ଅର୍ଥ ହେଲା ଯେ

ବିଷ୍ଣୁ ଭଗବାନ ଇନ୍ଦ୍ର ଅର୍ଥାତ୍ ଜୀବାତ୍ମାର ଘନିଷ୍ଠ, ଅତି ନିକଟତମ, ସଦା ସାଥିରେ ଥିବା ମିତ୍ର । କାରଣ **'ଯୁଜିର୍ ଯୋଗେ'** ଧାତୁ ଆଧାରରେ **'ଯୁଜ୍ୟଃ'**ର ଅର୍ଥ ହେଲା ଯୋଡ଼ି ହୋଇଥିବା । ସଂସାରରେ ଯାଆଁଳା ଭାଇ ତ ଥାଆନ୍ତି; କିନ୍ତୁ ଯାଆଁଳା ମିତ୍ର ଥିବା ଶୁଣାଯାଏ ନାହିଁ । କିନ୍ତୁ ବିଷ୍ଣୁ ଭଗବାନ ଯେବେଠୁ ଅଛନ୍ତି, ଇନ୍ଦ୍ର(ଜୀବାତ୍ମା) ସେବେଠୁ ଅଛି । ବିଷ୍ଣୁ ଚରାଚର ଜଗତରେ ବ୍ୟାପକ ହୋଇ ରହିଥିବାରୁ ଜୀବର ନିକଟତମ ମିତ୍ର । ସଂସାରର ସଖା ତ କେବେ ମିଶିଥାନ୍ତି ଓ ପୁଣି କେବେ ବିଚ୍ଛିନ୍ନ ହୋଇଥାନ୍ତି – **'ସଂଯୋଗା ବିପ୍ରୟୋଗାନ୍ତାଃ'** । ସେମାନଙ୍କ ମିଳନରେ ବିଚ୍ଛେଦ ତ ଲୁଚି ରହିଛି । ସମୀପତା, ସାଥିରେ ରହିବା ମିତ୍ରତାର ଆଧାର । ସେ ଦୃଷ୍ଟିରୁ ପ୍ରଭୁଙ୍କ ଠାରୁ ଅଧିକ ନିକଟତର ତ କେହି ମଧ୍ୟ ନୁହନ୍ତି । ଈଶ୍ୱର ଆମ ସହ ସଦା-ସର୍ବଦା, ସ୍ୱାଭାବିକ ରୂପେ ଯୋଡ଼ି ହୋଇ ରହିଛନ୍ତି ।

ଏ ସଂସାରରେ ଅଧିକାଂଶ ବ୍ୟକ୍ତି ତ ସମ୍ପଦ ଓ ସୁଖର ସଖା । ବିପଦର ବନ୍ଧୁ, ଦୁଃଖର ସାଥିଙ୍କ ସଂଖ୍ୟା ନଗଣ୍ୟ । ଯୌବନରେ ମଣିଷର ମିତ୍ରଙ୍କ ସଂଖ୍ୟା ଅଧିକ ଥାଏ । ଧୀରେଧୀରେ ବୟସ ଗଡ଼ିବା ସହ ସାଙ୍ଗ-ସାଥୀ ମଧ୍ୟ ଖସିବାକୁ ଲାଗନ୍ତି । ବୃଦ୍ଧାବସ୍ଥାରେ ସମସ୍ତେ ଦୂରେଇଯାନ୍ତି । ଅର୍ଥ ଉପାର୍ଜନର କ୍ଷମତା ସରିଗଲା ପରେ ଆମେ ଜରା-ବାର୍ଦ୍ଧକ୍ୟରେ ଉପନୀତ ହେଲେ ଆତ୍ମୀୟ-ସ୍ୱଜନ ମନେକରୁଥିବା ଲୋକଙ୍କ ମାନସିକତା ଆମ ପ୍ରତି କିପରି ଥାଏ ସେକଥା ପଲ୍ଲୀକବି ନନ୍ଦକିଶୋର ବଳ ଲେଖିଛନ୍ତି—

ଯେତେ ଦିନ କରି ଅର୍ଥ ଅର୍ଜନ
କରିବୁ କୁଟୁମ୍ବ ପ୍ରତିପାଳନ,
ତେତେ ଦିନ ପାନ୍ତୁ କୃତଜ୍ଞ ମନେ
କରିବେ ଆଦର ଆତ୍ମୀୟ ଜନେ ।
ହେଲେ ବେଳ ଆସି ଘୋଟିବ ଜରା,
ସେବେଳ ଏବେଳ ଅମେଳ ପରା ।
ହଟିଯିବ ବଳ ତୁଟିବ ଶିରୀ,
ବୋଲୁଥିବେ ଲୋକ ଆମ୍ଭ ଡିମିରି ।
ଅକର୍ମା ହୋଇଲେ ଚରମକାଳେ
ନ ଚାହିଁବେ କେହି ତୋ ମୁଖ ଢାଳେ ।
ରୋଗେ ହେଲେ ଦେହ ନରକବାସ
ନାସିକା କୁଞ୍ଚାଇ ଛାଡ଼ିବେ ପାଶ ।
ବୋଲିବେ ଏ ବୃଦ୍ଧ ତୁରନ୍ତ ମରୁ,
ଭାଇ-ବନ୍ଧୁଙ୍କର ଭାବନା ସରୁ । (କାକବାରତା)

ସଂସାର ସାଙ୍ଗ ଛାଡ଼ିଦେଲେ, ସଯତ୍ନରେ ପାଳିତ-ବର୍ଦ୍ଧିତ ଶରୀର ସଙ୍ଗ ଛାଡ଼ିଦେଲେ ମଧ୍ୟ ପରମେଶ୍ୱର କେବେ ବି ସଙ୍ଗ ଛାଡ଼ନ୍ତି ନାହିଁ । ସିଏ ତ ସଦା ସାଥିରେ ରହୁଥିବା ସଖା । ଆମ ପରିବାର-ପରିଜନ ଆମକୁ ଘୃଣା କରିପାରନ୍ତି, କିନ୍ତୁ ପରମାତ୍ମା କେବେ ବି ଘୃଣା କରନ୍ତି ନାହିଁ ।

ଯେତେବେଳେ ଆମେ ଜନ୍ମାନ୍ତର ଯାତ୍ରାରେ ବାହାରି ଯାଉ ଏବଂ ସାରା ସଂସାର ଆମ ସଙ୍ଗ ଛାଡ଼ିବା ପାଇଁ ବାଧ୍ୟ ହୋଇଯାଏ, ଯେତେବେଳେ ଆମ ଅତ୍ମା ସମସ୍ତ ପାରିବାରିକ, ସାମାଜିକ ସମ୍ପର୍କ-ସମ୍ବନ୍ଧକୁ ପରିତ୍ୟାଗ କରି ଏକୁଟିଆ ଚାଲିବାକୁ ଲାଗେ, ସେତେବେଳେ ଆମର ଏହି ସଦା ସାଥିରେ ରହୁଥିବା ସଖା(ଯୁଜ୍ୟଃ ସଖା) ହିଁ ଆମର ପରବର୍ତ୍ତୀ ବ୍ୟବସ୍ଥା ପାଇଁ ଆମ ସାଥିରେ ଥାଆନ୍ତି । ଆମକୁ କର୍ମ-କର୍ମଫଳର ପରବର୍ତ୍ତୀ ବ୍ୟବସ୍ଥା ନିମନ୍ତେ ଏହି ଶାଶ୍ୱତ ସଖା ହିଁ ତ ପୁରୁଣା ସ୍ଥାନରୁ ବାହାର କରି ଆଣିଛନ୍ତି; ଆମକୁ ନା ତ ଗନ୍ତବ୍ୟ ଜଣା ଅଛି, ନା ମାର୍ଗ । ଆମକୁ କ'ଣ ଜଣା ଯେ ଆମେ କେଉଁଠିକୁ ଯିବୁ, କେଉଁ ରାସ୍ତାରେ ଯିବୁ, କେଉଁ ସାଧନ, ଯାନ-ବାହନରେ ଯିବୁ ? କିନ୍ତୁ ଆମେ ନିଶ୍ଚିନ୍ତ ଯେ ଆମର ଅତି ଆପଣାର ସାଙ୍ଗ, ପରମହିତୈଷୀ ସଖା, ସର୍ବ ସାମର୍ଥ୍ୟବାନ୍ ମିତ୍ର ଆମ ସାଙ୍ଗରେ ସବୁବେଳେ ଅଛନ୍ତି ।

❖❖❖

ସିଦ୍ଧାନ୍ତ ଚର୍ଚ୍ଚା:

# କର୍ମଫଳ ସମସ୍ୟା

ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ

## ଏହା ବିକଟତମ ସମସ୍ୟା

କର୍ମଫଳର ସମସ୍ୟା ସମସ୍ତ ଧାର୍ମିକ ସମସ୍ୟାମାନଙ୍କ ମଧ୍ୟରେ ବିକଟତମ ବୋଲି ମନେକରାଯାଏ । ଏହା ଏତେ ଜଟିଳ ଯେ ଅନେକେ ଏ ଝମେଲାରୁ ମୁକୁଳିବାକୁ ଯାଇ ଏହାକୁ ମାନିବାକୁ ମନା କରିଦେଇଛନ୍ତି । ଖ୍ରୀଷ୍ଟିଆନ ଓ ମୁସଲମାନମାନେ ଭାରତୀୟଙ୍କର ପୁନର୍ଜନ୍ମବାଦ ଉପରେ ବିଦ୍ରୂପ କରି ଏହାକୁ କର୍ମଫଳର ଗୋଲକଧନ୍ଦା ବୋଲି କହନ୍ତି । ସେମାନେ ମନେକରନ୍ତି କି ଏପରି ବିଦ୍ରୂପ ଦ୍ୱାରା ସେମାନେ ସମସ୍ୟାର ଜଟିଳତାରୁ ବର୍ତ୍ତି ଯାଇପାରିବେ । ଯେଉଁମାନେ ପୁନର୍ଜନ୍ମକୁ ମାନନ୍ତି ସେମାନଙ୍କ ସିଦ୍ଧାନ୍ତ ବି ଭିନ୍ନ-ଭିନ୍ନ ପ୍ରକାର ରହିଛି । ଆମେ ଦେଖୁ କି ଅଧିକାଂଶ ଲୋକ ଏ ବିଷୟରେ ନିଜ-ନିଜର ସିଦ୍ଧାନ୍ତଗୁଡ଼ିକୁ କେବଳ ମନେ-ମନେ କଳ୍ପନା କରିନେଇଛନ୍ତି ।

କଳ୍ପନାଗୁଡ଼ିକ ପରବର୍ତ୍ତୀ ସମୟରେ କେତେ ଯେ ସମସ୍ୟା ସୃଷ୍ଟି କରିଦିଅନ୍ତି ଏହାର ଅନୁଭବ ସେମାନେ ହିଁ କରିପାରନ୍ତି ଯେଉଁମାନେ ସମସ୍ୟାଗୁଡ଼ିକର ମୂଳ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ପ୍ରଗାଢ଼ ଉଦ୍ୟମ କରନ୍ତି । ସାଧାରଣତଃ ତ ସମସ୍ତେ ବିଶେଷ ପରିଶ୍ରମ ନ କରି ମନକୁ ସାନ୍ତ୍ୱନା ଦେଇଦିଅନ୍ତି । କିନ୍ତୁ ଏହି ସାନ୍ତ୍ୱନା ସ୍ଥିର ହେବା ଆବଶ୍ୟକ । କ୍ଷଣିକ ସାନ୍ତ୍ୱନାରେ କୌଣସି ବାସ୍ତବିକ ସମାଧାନ ହୁଏ ନାହିଁ ଏବଂ ପ୍ରାୟ ଏହା ଭ୍ରାନ୍ତି-ମୂଳକ ତଥା ବ୍ୟବହାର କାଳରେ ଦୁଃଖଦାୟୀ ହୋଇଥାଏ । ଆମେ ଅନେକ ଅକର୍ତ୍ତବ୍ୟ କର୍ମ ଏଥିପାଇଁ କରିବସୁ ଅଥବା କର୍ତ୍ତବ୍ୟ କର୍ମରୁ ଦୂରେଇ ରହୁ, କାରଣ କର୍ମ ଓ କର୍ମଫଳର ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଆମର ଉଚିତ ଜ୍ଞାନ ନାହିଁ ।

ପ୍ରଥମ ପ୍ରଶ୍ନ ଏହା ଯେ କର୍ମଫଳ ସମସ୍ୟାର ବିଚାର କେଉଁଠାରୁ ଆରମ୍ଭ କରାଯିବ । ଯେତେବେଳ ପର୍ଯ୍ୟନ୍ତ ଆରମ୍ଭ ବିନ୍ଦୁ(starting point) ନିଶ୍ଚିତ ନ ହୁଏ ସେତେବେଳ ପର୍ଯ୍ୟନ୍ତ ଆମେ ଅବଶ୍ୟ ଗୋଲକଧନ୍ଦାରେ ଛନ୍ଦି ହୋଇ ପଡ଼ିରହିବା ଏବଂ କୌଣସି ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହୋଇପାରିବା ନାହିଁ ।

ଯେଉଁମାନେ କର୍ମଫଳବାଦର ସିଦ୍ଧାନ୍ତଗୁଡ଼ିକୁ ଅସ୍ୱୀକାର କରିଦେଇଛନ୍ତି ଏବଂ ଯେଉଁମାନେ ଏହି ସିଦ୍ଧାନ୍ତକୁ ସ୍ୱୀକାର କରିଥାନ୍ତି କ'ଣ ସେମାନଙ୍କ ଭିତରେ ବି କିଛି-କିଛି ସାଦୃଶ୍ୟ ରହିଛି ?

ଏଠାରେ ସେମାନଙ୍କ ବିଚାର ସମ୍ବନ୍ଧରେ କିଛି ବିଶ୍ଳେଷଣ କରାଯାଉ । କର୍ମଫଳବାଦର ମୂଳସିଦ୍ଧାନ୍ତ ଏହା ଯେ ପ୍ରତ୍ୟେକଙ୍କୁ ଦୁଃଖ ଓ ସୁଖ ନିଜର କର୍ମଦ୍ୱାରା ମିଳିଥାଏ । ଯିଏ ଯେପରି କରେ ସିଏ ସେପରି ପାଏ – ଏହି ସିଦ୍ଧାନ୍ତ ସମସ୍ତଙ୍କର ଅଭିମତ ଅଟେ । ଯଦି ଏହାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଦିଆଯାଏ, ତେବେ ଏ ସଂସାରରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ । କୌଣସି ବ୍ୟକ୍ତି ଏହା ସହ୍ୟ କରିବ ନାହିଁ ଯେ ସିଏ କାର୍ଯ୍ୟ କରୁ; କିନ୍ତୁ ତାକୁ ଫଳ ନ ମିଳୁ ଏବଂ ଅନ୍ୟ ଜଣେ କାର୍ଯ୍ୟ ନ କରୁ ଓ ତାକୁ ଫଳ ମିଳିଯାଉ ।

କୌଣସି ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପଚାରନ୍ତୁ । ପରୀକ୍ଷା ସମୟ । ହାତରେ ପ୍ରଶ୍ନପତ୍ର ଅଛି । ସମସ୍ତେ ତା'ର

ଉତ୍ତର ଦେବାକୁ ପୂର୍ଣ୍ଣ ଯତ୍ନ କରୁଛନ୍ତି । କାହିଁକି ? ଏଥିପାଇଁ ଯେ ଯିଏ ସବୁଠାରୁ ଭଲ ଉତ୍ତର କରିବ ତାକୁ ସବୁଠାରୁ ଅଧିକ ଅଙ୍କ ମିଳିବ, ତାକୁ ସବୁଠାରୁ ଅଧିକ ପ୍ରଶଂସା ମିଳିବ । ମନେକରନ୍ତୁ କି ମୋହନ ସବୁଠାରୁ ଭଲ ଉତ୍ତର ଲେଖିଲା ଓ ହରି ସବୁଠାରୁ ଖରାପ । କିନ୍ତୁ ଯଦି ମୋହନକୁ ସବୁଠାରୁ କମ୍ ନମ୍ବର ମିଳେ ଏବଂ ହରିକୁ ସବୁଠାରୁ ଅଧିକ, ତେବେ ଏହାର ପରିଣାମ କ'ଣ ହେବ ? ହରିକୁ ନିଶ୍ଚୟ ଖୁସି ଲାଗିବ । କିନ୍ତୁ ମୋହନର ହୃଦୟକୁ ପଚାରନ୍ତୁ । ମୋହନ କହିବ – 'ଏହି ଅନ୍ଧାରୀ ମୂଳକରେ ରହି ଲାଭ କ'ଣ ଯେଉଁଠାରେ ଚାଉଳ ସେରେ ଟଙ୍କାଏ ତ ଚଷୁ ସେରେ ବି ଟଙ୍କାଏ । ମୁଁ କାହିଁକି ପରିଶ୍ରମ କରିବି ଯଦି ମୋତେ କିଛି ମିଳିବାର ନାହିଁ ।' ହରିର ଏ ଖୁସି ବି କ୍ଷଣିକ ହିଁ ହେବ । କାରଣ ହରି ଏହା ବିଚାରିବ ଯେ ବିନା ପରିଶ୍ରମରେ ତ ମୋତେ ଫଳ(ଅଙ୍କ) ମିଳିପାରୁଛି, ଏଣୁ ମୋର ପରିଶ୍ରମ କରିବା କ'ଣ ଦରକାର ? ଏପରି ଅବସ୍ଥା ନା ତ ଅଧ୍ୟାପକଙ୍କୁ ସହ୍ୟ ହେବ ନା ବିଦ୍ୟାର୍ଥୀମାନଙ୍କୁ ।

କୌଣସି କାରଖାନା ବିଷୟ ବିଚାରକରନ୍ତୁ । ଜଣେ ଅଧକ୍ଷଙ୍କ ଅଧୀନରେ ଶହ-ଶହ ବ୍ୟକ୍ତି କାର୍ଯ୍ୟ କରନ୍ତି । ସେମାନଙ୍କ ଯୋଗ୍ୟତା, ବୁଦ୍ଧି ତଥା ଶ୍ରମର ଆଧାରରେ ସେମାନଙ୍କୁ ବେତନ ଦିଆଯାଏ । ଯିଏ ଅଧିକ ଯୋଗ୍ୟତାର କାର୍ଯ୍ୟ କରନ୍ତି ତାଙ୍କୁ ଅଧିକ ବେତନ ମିଳେ । ଯିଏ ଅତି ସାଧାରଣ କାର୍ଯ୍ୟ କରନ୍ତି ତାଙ୍କର ବେତନ ବି ଅଳ୍ପ ହୋଇଥାଏ । ଯଦି କୌଣସି କାରଖାନାର ଅଧକ୍ଷ ଏହାର ବିପରୀତ କରିବାକୁ ଲାଗିବେ ଅର୍ଥାତ୍ ଅକର୍ମଣ୍ୟକୁ ଅଧିକ ବେତନ ଓ ପରିଶ୍ରମୀକୁ କମ୍ ଦେବେ, ତେବେ ସମସ୍ତ କାର୍ଯ୍ୟକର୍ତ୍ତା ନିରୁତ୍ସାହିତ ହୋଇଯିବେ ଏବଂ ଅସନ୍ତୋଷର ଅଗ୍ନି ସେହି କାରଖାନାକୁ ଅଚିରେ ଭସ୍ମ କରିଦେବ ।

କୌଣସି ରାଜ୍ୟ ଉପରେ ଦୃଷ୍ଟିପାତ କରନ୍ତୁ । ରାଜ୍ୟ କ'ଣ ? ରାଜ୍ୟ ଏକ ବିରାଟ କାରଖାନା, ଯେଉଁଠି ଭିନ୍ନ-ଭିନ୍ନ ଯୋଗ୍ୟତାର ବିଭିନ୍ନ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ଏବଂ ନିଜ-ନିଜ କର୍ମର ଅନୁକୂଳ ଫଳ(ବେତନ) ପାଇଥାନ୍ତି । ସେହି ରାଜ୍ୟ ସବୁଠାରୁ ଶ୍ରେଷ୍ଠ ଯେଉଁଠି ଏହି ନିୟମର ସବୁଠାରୁ କମ୍ ଉଲ୍ଲଙ୍ଘନ ହୋଇଥାଏ ଏବଂ ଏହି ନିୟମର ଅଧିକ ଉଚ୍ଛୃଙ୍ଖଳତା ହିଁ ସେହି ରାଜ୍ୟର ଅଧୋଗତିର ସଙ୍କେତ ଅଟେ ।

## ଯେତେବେଳେ ଏହି ନିୟମ ଭାଙ୍ଗିଛି

ବିଦ୍ୟାର୍ଥୀ, କାରଖାନା ଓ ରାଜ୍ୟ ବିଷୟରେ ଏହି ତିନୋଟି ଉଦାହରଣ ଯାହା କି ଆମେ ଏଠାରେ ଉଲ୍ଲେଖ କଲୁ ତାହା କର୍ମଫଳବାଦକୁ ମାନୁଥିବା ବ୍ୟକ୍ତି ଏବଂ ନ ମାନୁଥିବା ବ୍ୟକ୍ତି ଉଭୟଙ୍କ ପାଇଁ ସମାନ । ଅର୍ଥାତ୍ ଏତିକି କର୍ମଫଳବାଦ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଅଟେ, ଅନ୍ୟ ପାରଲୌକିକ ସିଦ୍ଧାନ୍ତ ବିଷୟରେ ଯାହା କିଛି ବି ବୈଚାରିକ ପ୍ରଭେଦ ଥାଉ ନା କାହିଁକି ।

ଏହି ସିଦ୍ଧାନ୍ତ ଏତେ ସର୍ବତନ୍ତ୍ର କାହିଁକି ? କ'ଣ କାରଣ ରହିଛି ଯେ ଏହି ସିଦ୍ଧାନ୍ତକୁ କେହି ବି ଅସ୍ୱୀକାର କରିପାରନ୍ତି ନାହିଁ ? ହୁଏତ ଆପଣ କହିବେ କି କିଛି ଲୋକ ଏହାର ବିରୋଧୀ ଅଛନ୍ତି । ଯେଉଁ ଦଳ ଆଧୁନିକ ଯୁଗର ସାମ୍ୟବାଦୀ ବୋଲାଇଥାନ୍ତି ସେମାନେ ଯୋଗ୍ୟତା ଓ ଶ୍ରମ ଉପରେ ବିଚାର କରନ୍ତି ନାହିଁ । ସେମାନେ ଚାହାନ୍ତି ଯେ ସଂସାରର ସମସ୍ତ ମନୁଷ୍ୟ ସମାନ ସୁଖ ଏବଂ ସମ୍ପତ୍ତି ଭୋଗ କରନ୍ତୁ । କିନ୍ତୁ ସାମ୍ୟବାଦୀ ବି ବସ୍ତୁତଃ ଏପରି ସାମ୍ୟବାଦୀ ନୁହନ୍ତି ଯେ କର୍ମଫଳ ସିଦ୍ଧାନ୍ତକୁ ଜଳାଞ୍ଜଳି ଦେଇଦେବେ । ସେମାନେ କେବଳ ଅନ୍ଧାରୀ ଶାସନକୁ ହଟାଇବାକୁ ଚାହାନ୍ତି । ବେଳେବେଳେ ସମାଜର ଏପରି ପତନ ହୋଇଯାଏ ଯେ ଅଳସୁଆ ଲୋକେ ଖିରି-ପୁରି ଖାଆନ୍ତି ଏବଂ ଶ୍ରମଶୀଳ ଲୋକେ ଭୋକରେ ମରନ୍ତି । ଯେତେବେଳେ ଏହା ଚରମ ସୀମାରେ ପହଞ୍ଚିଯାଏ, ସେତେବେଳେ ଏକ ସମୟ ଆସେ କି ସମାଜରେ

ସେଥିପ୍ରତି ଘୃଣା ଉତ୍ପନ୍ନ ହୁଏ ଏବଂ ସାମ୍ୟବାଦର ତରଙ୍ଗ ଉଠିଥାଏ । ଯେଉଁଯେଉଁ ସ୍ଥାନରେ ଏପରି କ୍ରାନ୍ତିର ଆବଶ୍ୟକତା ହୋଇଛି ସେଠାରେ ଲୋକେ ବସ୍ତୁତଃ କର୍ମଫଳର ବ୍ୟବସ୍ଥାକୁ ଛିନ୍ନ କରି ସାରିଥିଲେ । ଏହି କ୍ରାନ୍ତି ସେହି ବ୍ୟବସ୍ଥାକୁ ପୁଣି ସ୍ଥାପନ କରିବା ପାଇଁ ହିଁ ହୋଇଛି ।

ଏଥିରୁ ଏହା ସିଦ୍ଧ ହେଲା କି ଏହି ସିଦ୍ଧାନ୍ତ ସର୍ବତନ୍ତ୍ର ଅଟେ । କେହି ଏହାକୁ ଅସ୍ୱୀକାର କରିପାରେ ନାହିଁ । ସର୍ବତନ୍ତ୍ରତା କହେ କି ଏହି ସିଦ୍ଧାନ୍ତ ସର୍ବବ୍ୟାପୀ ବି ହେବା ଉଚିତ । ଏହା ମୋର ବା ଆପଣଙ୍କର କିମ୍ବା କୌଣସି ଗୋଷ୍ଠୀର ମସ୍ତିଷ୍କରୁ ଉତ୍ପନ୍ନ ହୋଇଥିଲେ କେହି ନା କେହି ତ ତାହାର ବିରୋଧୀ ଅବଶ୍ୟ ଥାଆନ୍ତେ । କିନ୍ତୁ ଏପରି ନୁହେଁ । ଏଥିରୁ ଆମେ କହିପାରିବା କି ଏହି ନିୟମ ପ୍ରାକୃତିକ ବା ଅପୌରୁଷେୟ ଅଟେ, ମନୁଷ୍ୟ ଦ୍ୱାରା ତିଆରି ନୁହେଁ ।

## କର୍ମ ଓ ଭୋଗ

ଯଦି ଏହା ଆମେ ମାନିନେବା ଯେ ଯେପରି କରିବା ସେପରି ହିଁ ଭୋଗିବା, ତେବେ ଏହା ମାନିବା ଆବଶ୍ୟକ କି ଯେପରି ଭୋଗୁଛନ୍ତି ସେପରି ହିଁ କରିଥିଲେ । ଯାହା ଆଜି ପାଇଁ ଭବିଷ୍ୟତ ତାହା ଆସନ୍ତା କାଲି ପାଇଁ ବର୍ତ୍ତମାନ ବା ଅତୀତ ହୋଇଯିବ ଏବଂ ଯାହା ଆଜି ପାଇଁ ବର୍ତ୍ତମାନ ବା ଅତୀତ ଅଟେ, ତାହା କିଛି ସମୟ ପୂର୍ବରୁ ଭବିଷ୍ୟତ ହୋଇ ରହିଥିବ । ଏହା କଳ୍ପନା ନୁହେଁ, ବରଂ ଅକାଟ୍ୟ ଯୁକ୍ତି ଯାହାର କି ଖଣ୍ଡନ ହୋଇପାରିବ ନାହିଁ ।

ମୁଁ ଏହି ପୂର୍ବକଥାକୁ ଅଧିକ ସ୍ପଷ୍ଟ କରିଦେଉଛି । ପ୍ରତ୍ୟେକ ଖ୍ରୀଷ୍ଟିଆନ ଏବଂ ମୁସଲମାନ, ଯେଉଁମାନେ ପୁନର୍ଜନ୍ମ ବା କର୍ମଫଳବାଦକୁ ବିଶ୍ୱାସ କରନ୍ତି ନାହିଁ, ସେମାନେ ମାନନ୍ତି କି ଯଦି ଧର୍ମର ଅନୁକୂଳ ଚାଲିବ ତେବେ ଭବିଷ୍ୟତରେ ଆନନ୍ଦ ବା ସ୍ୱର୍ଗ ପ୍ରାପ୍ତି ହେବ ଏବଂ ଯଦି ଅଧର୍ମ ମାର୍ଗରେ ଚାଲିବ ତେବେ ଦୁଃଖ ବା ନରକ ଭୋଗିବ । ଏହା କାହିଁକି ? ଏଥିପାଇଁ କି 'ଯେପରି ବୁଣିବ ସେପରି କାଟିବ'ର ସିଦ୍ଧାନ୍ତ ସେମାନଙ୍କ ବିଚାର । ଯଦି ସେମାନେ ଏପରି ନ ମାନନ୍ତି ତେବେ ନିଜ ଧର୍ମର ଉପଦେଶ କାହିଁକି କରନ୍ତି ? ଯଦି ସେମାନଙ୍କ ପ୍ରଦର୍ଶିତ ଧର୍ମ ମାର୍ଗରେ ନ ଚାଲିଲେ ବି ସୁଖ ବା ସ୍ୱର୍ଗ ମିଳିପାରେ ତେବେ ସେମାନଙ୍କ ଉପଦେଶର ଲାଭ କ'ଣ ? ଏହା ହେଲା ଭବିଷ୍ୟତର କଥା ! କିନ୍ତୁ କୌଣସି ଖ୍ରୀଷ୍ଟିଆନ ବା ମୁସଲମାନଙ୍କୁ ପଚାରନ୍ତୁ କି ତୁମର ବର୍ତ୍ତମାନ ଯଦି ଏହି ମୁହୂର୍ତ୍ତରେ ଭବିଷ୍ୟତ ହୋଇଯାଏ ତେବେ କ'ଣ ତୁମର ଏହି ବର୍ତ୍ତମାନ କୌଣସି ଅତୀତର ଭବିଷ୍ୟତ ହୋଇନଥିବ ? ଅର୍ଥାତ୍ ଯଦି ଆଜିର ଧାର୍ମିକ କାର୍ଯ୍ୟ ଆଗାମୀ ସୁଖର କାରଣ ହୋଇପାରେ, ତେବେ ଆଜିର ସୁଖ କୌଣସି ପୂର୍ବ କର୍ମର ଫଳ କାହିଁକି ହୋଇନଥିବ ? ଏହା ମାନନ୍ତୁ କି ଆମର ଏହି ଯେଉଁ ବର୍ତ୍ତମାନ ରହିଛି ତାହାର ଭୂତକାଳ ହିଁ ନାହିଁ ଅଥବା ଯଦି ମାନୁଛନ୍ତି ଯେ ଏହାର କୌଣସି ଭୂତକାଳ ରହିଛି ତେବେ ଏହି ବର୍ତ୍ତମାନ ସୁଖ ବା ଦୁଃଖର କାରଣ ଅବଶ୍ୟ ରହିଥିବ ।

ବର୍ତ୍ତମାନ ଟିକେ ବିଚାର କରନ୍ତୁ । ଆପଣ ଏହା ମାନନ୍ତି କି ଆମର ଭବିଷ୍ୟତରେ ଆସୁଥିବା ସୁଖ ବା ଦୁଃଖର କାରଣ ଆମେ ହିଁ ହେବା, ଅନ୍ୟ କେହି ନୁହେଁ । ଯଦି ଅନ୍ୟ କେହି ହୁଏ ତେବେ ଆମେ କର୍ମରେ ସ୍ୱାଧୀନ ନୋହୁଁ । ଆମେ ତ ପରାଧୀନ ହୋଇଗଲେ । କିପରି ? ହୁଏତ ଆପଣ ବୁଝିପାରିଲେ ନାହିଁ । ପୁଣି ବିଚାର କରନ୍ତୁ । ଯଦି ମୋର ସୁଖର କାରଣ ଅନ୍ୟ କୌଣସି ବ୍ୟକ୍ତିର କର୍ମ ହୋଇପାରେ ତେବେ ମୋର ସର୍ବସ୍ୱ ସେହି ବ୍ୟକ୍ତିର ଅଧୀନ ହୋଇଗଲା । ମୁଁ କ'ଣ କରିପାରିବି ? ମୋତେ ତ ତାହାର ହିଁ ମୁହଁକୁ ଚାହିଁ ରହିବାକୁ ପଡ଼ିବ । କାହିଁକି ନା ସିଏ ଯେପରି କରିବ ମୁଁ ସେପରି ହିଁ ପାଇବି । କ'ଣ ଏହା କର୍ମର ସ୍ୱତନ୍ତ୍ରତା ? କଦାପି ନୁହେଁ । ମୁଁ ତ ତାହାର

ଆଶ୍ରିତ ହୋଇଗଲି ଯାହାର କର୍ମରୁ ମୋତେ ଫଳ ମିଳିବ । ମନେକରନ୍ତୁ କି ପିତାଙ୍କ କର୍ମର ଫଳ ପୁତ୍ରର ସୁଖ ବା ଦୁଃଖର କାରଣ । ତେବେ ପୁତ୍ର ନିଜର କର୍ମରେ ସ୍ୱାଧୀନ କିପରି ରହିଲା ? ସିଏ ତ ପିତାଙ୍କ ଇଚ୍ଛାଶକ୍ତିର ଅଧୀନ ହୋଇଗଲା । ପିତା ଚାହିଁବେ ତ ତା' ପାଇଁ ଦୁଃଖର ସାମଗ୍ରୀ ଯୋଗାଡ଼ କରିଦେବ ଏବଂ ଚାହିଁବେ ତ ସୁଖର ।

କିଛି ଲୋକ ନିଜ ସୁବିଧା ପାଇଁ ଏହା ମାନିନିଅନ୍ତି କି ଆମର ସୁଖ ଓ ଦୁଃଖର କାରଣ କିଛି ଆମର କର୍ମ ଏବଂ ଆଉ କିଛିର କାରଣ ଆମ ପିତାଙ୍କ କର୍ମ । କିନ୍ତୁ ଯଦି ଏହି ନିୟମ ମାନିନିଆଯାଏ ତେବେ ଏହି ପ୍ରଶ୍ନ ଉଠିବ ଯେ ନିଜ କର୍ମ ଗୌଣ ନା ପିତାଙ୍କ କର୍ମ । ଉଭୟଙ୍କ ପ୍ରତିଷ୍ଠା ସମାନ ରୂପେ ରହିଛି । ଯଦି ଜଣକର କର୍ମକୁ ଗୌଣ ଏବଂ ଅନ୍ୟର କର୍ମକୁ ମୁଖ୍ୟ ମାନିନିଆଯାଏ ତେବେ କୌଣସି ବ୍ୟବସ୍ଥା ହୋଇପାରିବ ନାହିଁ, କାରଣ ଗୌଣତା ଏବଂ ମୁଖ୍ୟତାର ଲକ୍ଷଣ କରିବା ପାଇଁ କୌଣସି ତୃତୀୟ ନିରପେକ୍ଷ ବସ୍ତୁର ଆବଶ୍ୟକତା ହେବ । ସମାନ ରୂପ ମାନିବାର କୌଣସି ଅର୍ଥ ହିଁ ନାହିଁ । କ'ଣ ପିତା ଓ ପୁତ୍ରର କର୍ମର ଏକ ହିଁ ମୂଲ୍ୟ ରହିଛି, ଆଉ ଯଦି ରହିଛି ତେବେ କାହିଁକି ? ସାରାଂଶ ଏହା କି ଏହି ସିଦ୍ଧାନ୍ତକୁ ମାନିବାରେ ଏତେ ଗୁଡ଼ିଏ ଆପତ୍ତି ରହିଛି ଯେ ଆମକୁ ଏଥିରୁ କିଛି ବି ଶାନ୍ତି ମିଳିପାରିବ ନାହିଁ ।

ବର୍ତ୍ତମାନ ତେବେ ଏହା ହିଁ ମାନି ନେବାକୁ ପଡ଼ିଲା କି ଆମର ବର୍ତ୍ତମାନର ଭଲ ବା ମନ୍ଦ କର୍ମର ଫଳ ଭବିଷ୍ୟତର ସୁଖ ବା ଦୁଃଖ ରୂପରେ ମିଳିବ । ତେବେ ବାକି ରହିଲା ପ୍ରଶ୍ନ ବର୍ତ୍ତମାନର ସୁଖ-ଦୁଃଖର । ଏହି ସୁଖ-ଦୁଃଖ ଯାହା ଆମେ ଭୋଗୁଛେ ଆମର ହିଁ କର୍ମର ଫଳ ହେବା ଉଚିତ । ନ୍ୟାୟଦର୍ଶନରେ ବି କୁହାଯାଇଛି —

**ପୂର୍ବକୃତଫଳାନୁବନ୍ଧାତ୍ ତଦୁତ୍ପତ୍ତିଃ ।**

(ନ୍ୟାୟ. ୩:୨:୬୨)

ପୂର୍ବକୃତ କର୍ମର ଫଳରୁ ଶରୀରାଦିର ଉତ୍ପତ୍ତି ହୋଇଥାଏ । ଆମେ ଯେତେବେଳଠାରୁ ଜନ୍ମ ହୋଇଛୁ ସେହି ସମୟରୁ ଦୁଃଖ ବା ସୁଖ ଆମକୁ ମିଳିଆସୁଛି ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

**୨୮ ପୃଷ୍ଠାର ଅବଶିଷ୍ଟାଂଶ**

**୧୪.** ବିଦ୍ୟାର ଚିହ୍ନ **'ଯଜ୍ଞୋପବୀତ'** ଓ **'ଶିଖା'**କୁ ପରିତ୍ୟାଗ କରି ମୁସଲମାନ-ଖ୍ରୀଷ୍ଟିଆନମାନଙ୍କ ଭଳି ହୋଇଯିବା ଅନୁଚିତ କାର୍ଯ୍ୟ । ଯଦି ପ୍ୟାଣ୍ଟ-କୋଟ ଆଦି ପରିଧାନ କରିପାରୁଛ ଓ ପଦକ ଆଦିର ବି ଇଚ୍ଛା କରୁଛ ତେବେ କ'ଣ ଯଜ୍ଞୋପବୀତ ଆଦି ବେଶୀ ଭାରୀ ହୋଇଯାଉଥିଲା ?

**୧୫.** ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଆଜି ସୁଦ୍ଧା ଆର୍ଯ୍ୟାବର୍ତ୍ତରେ ଅନେକାନେକ ବିଦ୍ୱାନ୍ ଜନ୍ମଗ୍ରହଣ କରିଛନ୍ତି । ସେମାନଙ୍କ ପ୍ରଶଂସା ନ କରି ୟୁରୋପିଆନ୍‌ମାନଙ୍କ ସ୍ତୁତି ଗାନରେ ହିଁ ଶତମୁଖ ହୋଇଯିବାକୁ ପକ୍ଷପାତ ଓ ତୋଷାମଦ ଛଡ଼ା ଅନ୍ୟ କ'ଣ କୁହାଯିବ ?

**୧୬.** ବୀଜାଙ୍କୁର ଭଳି ଜଡ଼-ଚେତନର ସଂଯୋଗରୁ ଜୀବର ଉତ୍ପତ୍ତି ବୋଲି ମାନିବା, ଉତ୍ପତ୍ତି ପୂର୍ବରୁ ଜୀବତତ୍ତ୍ୱର ସତ୍ତାକୁ ସ୍ୱୀକାର ନ କରିବା ଏବଂ ଉତ୍ପନ୍ନ ପଦାର୍ଥର ବିନାଶ ନ ମାନିବା **ପୂର୍ବାପର-ବିରୁଦ୍ଧ** । ଉତ୍ପତ୍ତି ପୂର୍ବରୁ ଯଦି ଚେତନ ଓ ଜଡ଼ ବସ୍ତୁ ନ ଥିଲା, ତେବେ ଜୀବ କେଉଁଠୁ ଆସିଲା ଓ ସଂଯୋଗ କାହାର ହେଲା ? ଯଦି ଜଡ଼ ଓ ଚେତନ ଏ ଦୁଇଟିକୁ ତୁମେ ସନାତନ ବୋଲି ମାନୁଛ, ତେବେ ତ ଠିକ୍ । କିନ୍ତୁ ସୃଷ୍ଟି ପୂର୍ବରୁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ତତ୍ତ୍ୱ ନାହାନ୍ତି ବୋଲି ତୁମର ଯେଉଁ ମାନ୍ୟତା ଅଛି ତାହା ଭୁଲ୍ ହୋଇଯିବ ।

**କ୍ରମଶଃ.....**

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

ଏହି **ସ୍ୱାମୀନାରାୟଣ** ସମ୍ପ୍ରଦାୟୀମାନେ ପରଧନ ହରଣରେ ଅତି ଚତୁର । ଏଥିପାଇଁ ବହୁତ ଛଳ-କପଟପୂର୍ଣ୍ଣ କୌଶଳର ଆଶ୍ରୟ ନିଅନ୍ତି । ମୂର୍ଖଲୋକମାନଙ୍କୁ ଭୁଆଁ ବୁଲାଇବା ପାଇଁ ଏମାନଙ୍କ ମଧ୍ୟରେ ଅନେକ ଲୋକ ମୃତ୍ୟୁ ସମୟରେ କହିଥାନ୍ତି — 'ମୋତେ ମୁକ୍ତିଧାମକୁ ନେବା ପାଇଁ ସହଜାନନ୍ଦ ମହାରାଜ ଧଳା ଘୋଡ଼ା ଚଢ଼ି ଆସିଛନ୍ତି । ପ୍ରତିଦିନ ଏହି ମନ୍ଦିରକୁ ଆସନ୍ତି ।'

ଯେତେବେଳେ ମେଳା ହୁଏ ସେତେବେଳେ ମନ୍ଦିର ଭିତରେ କେବଳ ପୂଜାରୀମାନେ ରହନ୍ତି । ମନ୍ଦିର ତଳେ ଦୋକାନ ସବୁ ଥାଏ । ମନ୍ଦିର ଭିତରୁ ଦୋକାନକୁ ଛିଦ୍ର ରଖିଥାନ୍ତି । ଭକ୍ତମାନେ ସେହି ଦୋକାନରୁ ନଡ଼ିଆ ନେଇ ମନ୍ଦିରରେ ପୂଜାରୀଙ୍କୁ ଭୋଗ ପାଇଁ ଦିଅନ୍ତି । ପୂଜାରୀ ସେହି ନଡ଼ିଆକୁ ଛିଦ୍ର ବାଟ ଦେଇ ପୁଣି ଦୋକାନକୁ ଗଳେଇ ଦିଏ । ପୁଣି ସେହି ନଡ଼ିଆ ବିକ୍ରି ହୋଇ ମନ୍ଦିରକୁ ଆସେ । ଏହିଭଳି ଭାବେ ଗୋଟିଏ ନଡ଼ିଆ ଦିନରେ ହଜାରେ ଥର ବିକ୍ରି ହୁଏ । ଅନ୍ୟ ପଦାର୍ଥକୁ ମଧ୍ୟ ଏପରି ହିଁ ବିକିଥାନ୍ତି ।

ଏହି ସମ୍ପ୍ରଦାୟର ସାଧୁ ଜନ୍ମତଃ ଯେଉଁ ଜାତିର ହୋଇଥାଏ, ତା' ଦ୍ୱାରା ସେହି କାମ କରାଯାଇଥାଏ । ଯଥା— ସାଧୁ ବାରିକ ହୋଇଥିଲେ ତା' ଦ୍ୱାରା କ୍ଷୌର କର୍ମ, କୁମ୍ଭାର ହୋଇଥିଲେ କୁମ୍ଭାର କାମ, ଶିଳ୍ପୀ ହୋଇଥିଲେ ଶିଳ୍ପୀ କାମ, ବ୍ୟାପାରୀ ହୋଇଥିଲେ ତା' ଦ୍ୱାରା ବ୍ୟାପାର କରାଇଥାନ୍ତି । ନିଜ ଚେଲାଙ୍କ ଉପରେ ଅନେକ ପ୍ରକାର କର ଧାର୍ଯ୍ୟ କରିରଖିଛନ୍ତି । ଠକି-ଠକି କୋଟି-କୋଟି ଟଙ୍କା ସଂଗ୍ରହ କରିଛନ୍ତି ଏବଂ କରିଚାଲିଛନ୍ତି । ଯିଏ ଗଦିରେ ବସେ, ସିଏ ବିବାହ କରି ଗୃହସ୍ଥ ହୁଏ, ଅଳଙ୍କାର ଆଦି ଧାରଣ କରେ । ଯେଉଁଠାରୁ ନିମନ୍ତ୍ରଣ ମିଳେ, ସେଠାକୁ ଯାଇ ଗୋକୁଳର ଗୋସାଇଁଙ୍କ ଭଳି ନିଜ ତଥା ବୋହୂ, ଝିଅ ଆଦିଙ୍କ ନାମରେ ଦାନ-ଦକ୍ଷିଣା ନିଅନ୍ତି । ଏ ସମ୍ପ୍ରଦାୟର ଲୋକେ ନିଜକୁ 'ସତ୍‌ସଙ୍ଗୀ' ଓ ଅନ୍ୟମତର ଲୋକଙ୍କୁ 'କୁସଙ୍ଗୀ' କହନ୍ତି । ନିଜ ମତର ଲୋକଙ୍କ ବ୍ୟତୀତ ଅନ୍ୟ ମତର ଯେତେ ଉତ୍ତମ ଧାର୍ମିକ, ବିଦ୍ୱାନ୍ ହୁଅନ୍ତୁ ନା କାହିଁକି ତା'ର ମାନ-ସମ୍ମାନ, ସେବା ଆଦି କରନ୍ତି ନାହିଁ । ଅନ୍ୟ ମତର ଲୋକଙ୍କ ସେବାକୁ ପାପ ବୋଲି ମନେକରନ୍ତି ।

ଏମାନଙ୍କ ସାଧୁମାନେ ପ୍ରକାଶ୍ୟ ଭାବେ ସ୍ତ୍ରୀ ମୁଖ ଦେଖନ୍ତି ନାହିଁ । କିନ୍ତୁ କିଏ ଜାଣେ ଗୁପ୍ତରେ କ'ଣ କ'ଣ ଲୀଳା ହେଉଥିବ- ଏ ବିଷୟରେ ବେଶି କିଛି ପ୍ରଚାର ହୋଇନାହିଁ । ସ୍ଥାନେ-ସ୍ଥାନେ ଏ ସାଧୁମାନଙ୍କ ପରସ୍ତ୍ରୀଗମନାଦି ଲୀଳା ପ୍ରକଟ ହୋଇଯାଇଛି । ଏମାନଙ୍କର ବଡ଼-ବଡ଼ ସାଧୁଙ୍କ ମୃତ୍ୟୁ ହେଲେ ସେମାନଙ୍କ ଶବକୁ ନେଇ କୌଣସି ଗୁପ୍ତ କୂଅରେ ଫୋପାଡ଼ି ଦେଇ ପ୍ରଚାର କରନ୍ତି ଯେ ଅମୁକ ମହାରାଜ ସଦେହରେ ବୈକୁଣ୍ଠକୁ ଚାଲିଗଲେ । ସହଜାନନ୍ଦ ଆସି ନେଇଗଲେ । ଆମେ ତାଙ୍କୁ ବହୁତ ପ୍ରାର୍ଥନା କଲୁ ଯେ — 'ମହାରାଜ ! ଯାଙ୍କୁ ନିଅନ୍ତୁ ନାହିଁ, କାରଣ ଏ ମହାତ୍ମା ଏଠାରେ ରହିଲେ ଭଲ ହେବ ।' କିନ୍ତୁ ସହଜାନନ୍ଦ କହିଲେ — 'ନା । ବର୍ତ୍ତମାନ ଯାଙ୍କର ବୈକୁଣ୍ଠରେ ବହୁତ ଆବଶ୍ୟକତା ଅଛି । ଏଣୁ ନେଇଯାଉଛି ।' ଆମେ ନିଜ ଆଖିରେ ସହଜାନନ୍ଦଙ୍କୁ ଓ ତାଙ୍କ ବିମାନକୁ ଦେଖିଛୁ । ମୃତ ବ୍ୟକ୍ତିଙ୍କୁ ସେ ତାଙ୍କ ବିମାନରେ ବସାଇ ଉପରକୁ ଉଡ଼ାଇନେଲେ, ପୁଷ୍ପ ବର୍ଷା କରି-କରି ଗଲେ ।

ଆଉ ଯେତେବେଳେ କୌଣସି ସାଧୁ ବେମାର ପଡ଼ନ୍ତି, ବଞ୍ଚିବାର କୌଣସି ଆଶା ନ ଥାଏ, ସେତେବେଳେ

ସେ କହନ୍ତି — 'ମୁଁ ଆସନ୍ତା କାଲି ରାତିରେ ବୈକୁଣ୍ଠକୁ ଯିବି ।' ଶୁଣାଯାଏ ଯେ ଯଦି ସେହି ରାତିରେ ତାଙ୍କ ମୃତ୍ୟୁ ନ ହୁଏ ଏବଂ ଯଦି ମୂର୍ଚ୍ଛିତ ହୋଇଯାନ୍ତି, ତେବେ ମଧ୍ୟ ତାଙ୍କୁ ନେଇ କୂଅରେ ଫୋପାଡ଼ି ଦିଅନ୍ତି । କାରଣ ଯଦି ସେ ରାତିରେ ତାଙ୍କୁ ଫିଙ୍ଗି ନ ଦିଆଯାଏ ତେବେ ତାଙ୍କ କଥା ମିଛ ବୋଲି ଜଣାପଡ଼ିଯିବ । ଏଣୁ ଏପରି କାମ କରିଥାନ୍ତି ବୋଧେ । ସେହିପରି କୌଣସି ଗୋକୁଳର ଗୋସାଇଁ ଯେତେବେଳେ ମରିଯାନ୍ତି, ତାଙ୍କର ଚେଲାମାନେ କହନ୍ତି କି — 'ଗୋସାଇଁ ମହାରାଜ ଲୀଳା-ବିସ୍ତାର କରିଗଲେ ।'

ଏହି ଗୋସାଇଁ ଏବଂ ସ୍ୱାମୀନାରାୟଣ ଉଭୟ ସମ୍ପ୍ରଦାୟର ଉପଦେଶ ଦେଉଥିବା ମନ୍ତ୍ର ଏକ — **'ଶ୍ରୀକୃଷ୍ଣଃ ଶରଣଂ ମମ ।'** ଏମାନେ ଏହାର ଅର୍ଥ କରନ୍ତି — 'ଶ୍ରକୃଷ୍ଣ ମୋର ଶରଣ୍ୟ, ଅର୍ଥାତ୍ ମୁଁ ଶ୍ରୀକୃଷ୍ଣଙ୍କ ଶରଣାଗତ ।' କିନ୍ତୁ ଏ ବାକ୍ୟର ଅର୍ଥ 'ଶ୍ରୀକୃଷ୍ଣ ମୋର ଶାରଣାଗତ ଅଟନ୍ତି' ଏପରି ମଧ୍ୟ ହୋଇପାରେ । ଏପରି ଯେତେସବୁ ସମ୍ପ୍ରଦାୟ ଅଛନ୍ତି, ସେମାନେ ବିଦ୍ୟାହୀନ ହୋଇଥିବାରୁ ଅବାଗିଆ, ଶାସ୍ତ୍ରବିରୁଦ୍ଧ ବାକ୍ୟ ରଚନା କରିଥାନ୍ତି । ଯେହେତୁ କି ସେମାନଙ୍କୁ ବ୍ୟାକରଣ-ଶାସ୍ତ୍ରର ନିୟମ ଜଣାନାହିଁ ।

## ମାଧ୍ୱ-ଲିଙ୍ଗାଙ୍କିତ-ଚକ୍ରାଙ୍କିତ ସମୀକ୍ଷା

**ପ୍ରଶ୍ନ — 'ମାଧ୍ୱ ମତ'** ତ ଭଲ ?

**ଉତ୍ତର —** ଅନ୍ୟଗୁଡ଼ିକ ଯେପରି, ଏମାନେ ମଧ୍ୟ ସେପରି । କାରଣ ଏମାନେ ମଧ୍ୟ **'ଚକ୍ରାଙ୍କିତ'** ହୋଇଥାନ୍ତି । ଅନ୍ୟ **ଚକ୍ରାଙ୍କିତ**ଙ୍କ ଅପେକ୍ଷା ଏମାନଙ୍କ ବିଶେଷତ୍ୱ ହେଲା ଯେ ରାମାନୁଜୀୟମାନେ ଥରେ ମାତ୍ର **ଚକ୍ରାଙ୍କିତ** ହେଉଥିବା ସ୍ଥଳେ ମାଧ୍ୱ ମତାବଲମ୍ବୀମାନେ ପ୍ରତିବର୍ଷ **ଚକ୍ରାଙ୍କିତ** ହେଉଥାନ୍ତି । ଚକ୍ରାଙ୍କିତମାନେ କପାଳରେ ହଳଦିଆ ରେଖା କାଟୁଥିବା ବେଳେ ମାଧ୍ୱମାନେ କଳାଗାର କାଟନ୍ତି । ଜଣେ ମାଧ୍ୱ ପଣ୍ଡିତଙ୍କ ସହ କୌଣସି ଏକ ମହାତ୍ମାଙ୍କ ଆଲୋଚନା ହୋଇଥିଲା—

**ମହାତ୍ମା —** ଏହି କଳା ଗାର ଓ ତିଳକ କାହିଁକି କାଟିଛ ?

**ଶାସ୍ତ୍ରୀ —** ଏହି ତିଳକ କାଟିବା ଦ୍ୱାରା ଆମେ ବୈକୁଣ୍ଠକୁ ଯିବୁ । ପୁଣି ଶ୍ରୀକୃଷ୍ଣଙ୍କ ଶରୀର ଶ୍ୟାମ ବର୍ଣ୍ଣ ଥିଲା । ତେଣୁ ଆମେ କଳା ତିଳକ ଲଗାଉଛୁ ।

**ମହାତ୍ମା —** ଏହି କଳା ଗାର କାଟିବା ଓ ତିଳକ ଲଗାଇବା ଦ୍ୱାରା ଯଦି ତୁମେ ବୈକୁଣ୍ଠକୁ ଯାଉଛ, ତେବେ ପୂରା ମୁହଁ କଳା କରିନେବ ତ କୁଆଡ଼େ ଯିବ ? କ'ଣ ବୈକୁଣ୍ଠରୁ ମଧ୍ୟ ଉପରକୁ ଯିବ ? ତା' ଛଡ଼ା ଶ୍ରୀକୃଷ୍ଣଙ୍କ ପୂରା ଶରୀର କଳା ଥିଲା । ତେଣୁ ତୁମେ ମଧ୍ୟ ସେହିପରି ସର୍ବାଙ୍ଗ ଶରୀର କଳା କରିନିଅ । ତେବେ ଶ୍ରୀକୃଷ୍ଣ ସଦୃଶ ହୋଇପାରିବ ।

ଏଣୁ ଏହା ମଧ୍ୟ ପୂର୍ବ ସଦୃଶ ଭୁଲ୍ କଥା ।

**ପ୍ରଶ୍ନ — 'ଲିଙ୍ଗାଙ୍କିତ'** ମତ କିପରି ?

**ଉତ୍ତର —** ଯେପରି **ଚକ୍ରାଙ୍କିତ**ଙ୍କ ମତ । **ଚକ୍ରାଙ୍କିତ**ମାନେ ଯେପରି ଚକ୍ର ଦ୍ୱାରା ଦାଗି ହୁଅନ୍ତି ଏବଂ ନାରାୟଣଙ୍କ ବ୍ୟତୀତ ଆଉ କାହାକୁ ମାନନ୍ତି ନାହିଁ, ଲିଙ୍ଗାଙ୍କିତମାନେ ମଧ୍ୟ ସେହିପରି ଲିଙ୍ଗ ଦ୍ୱାରା ଦାଗିହୁଅନ୍ତି ଓ ମହାଦେବଙ୍କ ବ୍ୟତୀତ ଅନ୍ୟ କାହାକୁ ମାନନ୍ତି ନାହିଁ । ଏଥିରେ ବିଶେଷ କଥା ହେଲା ଯେ ଲିଙ୍ଗାଙ୍କିତମାନେ ପଥରର ଏକ ଲିଙ୍ଗକୁ ସୁନା ବା ରୁପାରେ ବନ୍ଧେଇ କରି ବେକରେ ଝୁଲାଇଥାନ୍ତି । ପାଣି ପିଇଲେ ମଧ୍ୟ ସେ ଲିଙ୍ଗକୁ ଦେଖାଇ ପିଅନ୍ତି । ସେମାନଙ୍କ ମନ୍ତ୍ର ମଧ୍ୟ ଶୈବମାନଙ୍କ ଭଳି ।

## ବ୍ରାହ୍ମସମାଜ ଓ ପ୍ରାର୍ଥନାସମାଜର ଗୁଣ-ଦୋଷ

**ପ୍ରଶ୍ନ — 'ବ୍ରାହ୍ମସମାଜ' ଓ 'ପ୍ରାର୍ଥନାସମାଜ'** ତ ଭଲ ନା ନାହିଁ ?

**ଉତ୍ତର —** କିଛି-କିଛି ଭଲ, ଅନେକ କଥା ଖରାପ ମଧ୍ୟ ।

**ପ୍ରଶ୍ନ —** 'ବ୍ରାହ୍ମସମାଜ' ଓ 'ପ୍ରାର୍ଥନାସମାଜ' ସବୁଠୁ ଭଲ । କାରଣ ଏମାନଙ୍କ ନିୟମ ବହୁତ ବଢ଼ିଆ ।

**ଉତ୍ତର —** ନିୟମ ପୂର୍ଣ୍ଣତଃ ଭଲ ନୁହେଁ । କାରଣ ବେଦବିଦ୍ୟାହୀନ ଲୋକଙ୍କ କଳ୍ପନା ସର୍ବଥା ସତ୍ୟ କିପରି ହୋଇପାରିବ ? ବ୍ରାହ୍ମସମାଜ ଓ ପ୍ରାର୍ଥନା ସମାଜର ଲୋକେ କିଛି ଲୋକଙ୍କୁ ଖ୍ରୀଷ୍ଟିଆନ ହେବାରୁ ବଞ୍ଚାଇଲେ, କାଷ୍ଠପାଷାଣାଦି ମୂର୍ତ୍ତିପୂଜା କିଛି-କିଛି ହଟାଇଲେ, ଅନ୍ୟ ଜାଲଗ୍ରନ୍ଥର ଜାଲରୁ ମଧ୍ୟ କିଛ-କିଛି ରକ୍ଷାକଲେ ଇତ୍ୟାଦି ଯେଉଁ କେତେକ କାମ କରିଛନ୍ତି ଏସବୁ ଭଲ କଥା । କିନ୍ତୁ —

**୧.** ଏମାନଙ୍କ ଭିତରେ ସ୍ୱଦେଶଭକ୍ତି ବହୁତ କମ୍ । ଏମାନେ ଖ୍ରୀଷ୍ଟିଆନମାନଙ୍କ ବହୁତ ଆଚରଣ ଆଦରି ନେଇଛନ୍ତି । ଖାଦ୍ୟପେୟ, ବିବାହ ଆଦି ସମ୍ବନ୍ଧୀୟ ଆମ ସଂସ୍କୃତିର ବହୁ ନିୟମ ମଧ୍ୟ ପରିବର୍ତ୍ତନ କରିଦେଇଛନ୍ତି ।

**୨.** ନିଜ ଦେଶର ପ୍ରଶଂସା ବା ପୂର୍ବଜମାନଙ୍କ ଗୁଣଗାନ କରିବା ତ ଦୂରର କଥା, ତା' ବଦଳରେ ମନଭରି ନିନ୍ଦା କରନ୍ତି । ଏମାନଙ୍କ ବ୍ୟାଖ୍ୟାନରେ ଖ୍ରୀଷ୍ଟିଆନ ଆଦି ଇଂରେଜମାନଙ୍କ ମୁକ୍ତକଣ୍ଠରେ ପ୍ରଶଂସା କରନ୍ତି । ବ୍ରହ୍ମାଦି ମହର୍ଷିଙ୍କ ନାମ ମଧ୍ୟ ଧରନ୍ତି ନାହିଁ, ବରଂ ଏପରି କହନ୍ତି ଯେ ଇଂରେଜମାନଙ୍କ ବ୍ୟତୀତ ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଅନ୍ୟ କେହି ମଧ୍ୟ ବିଦ୍ୱାନ୍ ଜନ୍ମି ନାହାନ୍ତି । ଆର୍ଯ୍ୟାବର୍ତ୍ତର ଲୋକେ ଆବହମାନ କାଳରୁ ମୂର୍ଖ ହୋଇ ରହିଆସିଛନ୍ତି । ଏମାନଙ୍କର ଉନ୍ନତି କେବେ ମଧ୍ୟ ହୋଇନାହିଁ ।

**୩.** ବେଦାଦି ଶାସ୍ତ୍ରର ପ୍ରଶଂସା ତ ଦୂରର କଥା, ବରଂ ନିନ୍ଦା କରିବାରୁ ମଧ୍ୟ ବିରତ ହୁଅନ୍ତି ନାହିଁ । ବ୍ରାହ୍ମସମାଜର ଉଦ୍ଦେଶ୍ୟକୁ ପ୍ରକାଶ କରୁଥିବା ପୁସ୍ତକରେ ସନ୍ଥମାନଙ୍କ ନାମ ମଧ୍ୟରେ **'ଯୀଶୁ', 'ମୋଷା', 'ମହମ୍ମଦ', 'ନାନକ' ଓ 'ଚୈତନ୍ୟ'** ଆଦିଙ୍କ ନାମ ରହିଛି । ଆର୍ଯ୍ୟାବର୍ତ୍ତର କୌଣସି ଋଷି-ମହର୍ଷିଙ୍କ ନାମ ମଧ୍ୟ ଲେଖିନାହାନ୍ତି । ଏଥିରୁ ଜଣାଯାଏ ଯେ ଏମାନେ ଯେଉଁମାନଙ୍କ ନାମ ସେହି ପୁସ୍ତକରେ ଲେଖିଛନ୍ତି ଏମାନେ ସେମାନଙ୍କ ମତାନୁଯାୟୀ, ମତବାଦୀ ଅଟନ୍ତି ।

ଭଲା ! ଯେତେବେଳେ ଆର୍ଯ୍ୟାବର୍ତ୍ତରେ ଜନ୍ମ ହୋଇଛନ୍ତି, ଆର୍ଯ୍ୟାବର୍ତ୍ତ ଦେଶର ଅନ୍ନ-ଜଳ ଖାଇଛନ୍ତି-ପିଇଛନ୍ତି ଏବଂ ଏବେ ବି ଖାଉଛନ୍ତି-ପିଉଛନ୍ତି, ସେ ସ୍ଥିତିରେ ନିଜର ମାତା-ପିତା-ପିତାମହ ପ୍ରଭୃତିଙ୍କ ମାର୍ଗକୁ ପରିତ୍ୟାଗ କରି ଅନ୍ୟ ବିଦେଶୀ ମତ ଆଡ଼କୁ ଅଧିକ ଢଳିଯିବା; ଏବଂ ଏ ଦେଶର ସଂସ୍କୃତ-ବିଦ୍ୟାରୁ ରହିତ ହୋଇ ମଧ୍ୟ ନିଜକୁ ବିଦ୍ୱାନ୍ ବୋଲାଇବା, ଇଂରାଜୀ ଭାଷା ପଢ଼ି ପଣ୍ଡିତାଭିମାନୀ ହୋଇ ତୁରନ୍ତ ଏକ ମତ ପ୍ରଚଳନ କରିବାରେ ପ୍ରବୃତ୍ତ ହେବା ରୂପକ ବ୍ରାହ୍ମସମାଜୀ ଓ ପ୍ରାର୍ଥନାସମାଜୀଙ୍କ କାର୍ଯ୍ୟ ମନୁଷ୍ୟମାନଙ୍କ ପାଇଁ ସ୍ଥିର ଓ ବୃଦ୍ଧିକାରକ କାମ କେମିତି ହୋଇପାରିବ ?

**୪.** ଇଂରେଜ, ଯବନ, ଅନ୍ତ୍ୟଜ ଇତ୍ୟାଦିଙ୍କଠାରୁ ମଧ୍ୟ ଖାଇବା-ପିଇବାରେ କୌଣସି କଟକଣା ରଖିନାହାନ୍ତି । ଏମାନେ ବୋଧେ ବୁଝିଛନ୍ତି ଯେ ଖାଇବା-ପିଇବା କଟକଣା ଓ ଜାତିଭେଦ ଉଠାଇ ଦେଲେ ଆମର ଓ ଆମ ଦେଶର ଅବସ୍ଥା ସୁଧୁରିଯିବ । କିନ୍ତୁ ଏଭଳି କାମ ଦ୍ୱାରା ସୁଧାର ତ କେଉଁଠି ହେଉଛି ? ଓଲଟା ଆହୁରି ସ୍ଥିତି ଖରାପ ହେଉଛି ।

**୫. ପ୍ରଶ୍ନ —** ଜାତିଭେଦ ଈଶ୍ୱରକୃତ ନା ମନୁଷ୍ୟକୃତ ?

**ଉତ୍ତର —** ଈଶ୍ୱରକୃତ ବି, ମନୁଷ୍ୟକୃତ ମଧ୍ୟ ଜାତିଭେଦ ଅଛି ।

**ପ୍ରଶ୍ନ —** କେଉଁଟି ଈଶ୍ୱରକୃତ ଏବଂ କେଉଁଟି ମନୁଷ୍ୟକୃତ ?

**ଉତ୍ତର —** ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷ, ଜଳଜନ୍ତୁ ଆଦି ଜାତି ପରମେଶ୍ୱରକୃତ । ପୁଣି ପଶୁମାନଙ୍କ ମଧ୍ୟରେ

ଗାଇ, ଘୋଡ଼ା, ହାତୀ ପ୍ରଭୃତି ଜାତି; ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ, ବର, ଆମ୍ବ ଆଦି; ପକ୍ଷୀଙ୍କ ମଧ୍ୟରେ ହଂସ, ବଗ, କାଉ ପ୍ରଭୃତି; ଜଳଜନ୍ତୁଙ୍କ ମଧ୍ୟରେ ମାଛ, କୁମ୍ଭୀର ଇତ୍ୟାଦି ଜାତିଭେଦ ଈଶ୍ୱରକୃତ । ସେହିପରି ମନୁଷ୍ୟ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅନ୍ତ୍ୟଜ ଜାତିଭେଦ ମନୁଷ୍ୟକୃତ । କିନ୍ତୁ ମନୁଷ୍ୟଙ୍କ ମଧ୍ୟରେ ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ରାଦିଙ୍କୁ ସାମାନ୍ୟ ଜାତିରେ ନୁହେଁ ବରଂ ସାମାନ୍ୟ-ବିଶେଷାତ୍ମକ ଜାତିରେ ଗଣନା କରାଯାଏ । ପୂର୍ବରୁ ବର୍ଣ୍ଣାଶ୍ରମବ୍ୟବସ୍ଥା ପ୍ରକରଣରେ ଯେପରି ଲେଖାଯାଇଛି ସେହିପରି ଗୁଣ-କର୍ମ-ସ୍ୱଭାବ ଆଧାରରେ ବର୍ଣ୍ଣବ୍ୟବସ୍ଥା ଅବଶ୍ୟ ମାନିବା ଉଚିତ । **ଏଥିରେ ମନୁଷ୍ୟକୃତତ୍ୱ ଅର୍ଥାତ୍ ସେମାନଙ୍କ ଗୁଣ-କର୍ମ-ସ୍ୱଭାବ ଆଧାରରେ ପୂର୍ବୋକ୍ତ ବ୍ୟବସ୍ଥାନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଶୂଦ୍ରାଦି ବର୍ଣ୍ଣର ବ୍ୟବସ୍ଥା ପରୀକ୍ଷାପୂର୍ବକ କରିବା ରାଜା ଓ ବିଦ୍ୱାନଙ୍କ କାମ ।**

ଭୋଜନଭେଦ ମଧ୍ୟ ଈଶ୍ୱରକୃତ ଓ ମନୁଷ୍ୟକୃତ ବି । ଯଥା - ସିଂହ ମାଂସାହାରୀ ଓ ଗାଈ-ମଇଁଷି ଆଦି ତୃଣଭୋଜୀ, ଏହା ଈଶ୍ୱରକୃତ । ଦେଶ-କାଳ-ବସ୍ତୁ ଭେଦରେ ଭୋଜନଭେଦ ହେଉଛି ମନୁଷ୍ୟକୃତ ।

**ପ୍ରଶ୍ନ —** ଦେଖ ! ୟୁରୋପିଆନମାନେ ଜୋତା, ବୁଟ୍, କୋଟ-ପ୍ୟାଣ୍ଟ ପିନ୍ଧନ୍ତି; ହୋଟେଲ୍‌ରେ ସମସ୍ତଙ୍କ ହାତରୁ ଖାଆନ୍ତି; ଏଥିପାଇଁ ନିଜର ଉନ୍ନତି କରିଚାଲିଛନ୍ତି ।

**ଉତ୍ତର —** ଏହା ତୁମର ବୁଝିବାରେ ଭୁଲ୍ । କାରଣ ମୁସଲମାନ ଓ ଅନ୍ତ୍ୟଜମାନେ ବି ତ ସମସ୍ତଙ୍କ ହାତରୁ ଖାଆନ୍ତି, ଫେରେ ସେମାନଙ୍କ ଉନ୍ନତି କାହିଁକି ହେଉନାହିଁ ? ୟୁରୋପିଆନ୍‌ମାନଙ୍କ ମଧ୍ୟରେ ବାଲ୍ୟାବସ୍ଥାରେ ବିବାହ ନ କରିବା, ପୁଅ-ଝିଅଙ୍କୁ ବିଦ୍ୟା-ସୁଶିକ୍ଷା ଦେବା-ଦିଆଇବା, ସ୍ୱୟମ୍ବର ବିବାହ ହେବା ଆଦି ବିଦ୍ୟମାନ । ସେଠାରେ ଅନୁପଯୁକ୍ତ-ଦୁଷ୍ଟ ଲୋକଙ୍କ ଉପଦେଶ ହୁଏ ନାହିଁ । ଏଣୁ ସେମାନେ ବିଦ୍ୱାନ୍ ହେବାରୁ ଯା-ତା ପାଖଣ୍ଡ ଜାଲରେ ପଡ଼ନ୍ତି ନାହିଁ । ଯାହାକିଛି କରନ୍ତି ସେସବୁ ପରସ୍ପର ବିଚାର କରି ଓ ସଭାରେ ନିର୍ଣ୍ଣୟ କରି କରନ୍ତି । ନିଜ ଜାତିର ଉନ୍ନତି ନିମନ୍ତେ ତନୁ-ମନ-ଧନ ବ୍ୟୟ କରନ୍ତି । ଆଳସ୍ୟ ପରିହାର କରି ପରିଶ୍ରମ କରନ୍ତି । ଦେଖ ! ନିଜ ଦେଶର ନିର୍ମିତ ଜୋତାକୁ ଅଫିସ୍ (କାର୍ଯ୍ୟାଳୟ) ଓ କଚେରୀକୁ ଯିବାକୁ ଦିଅନ୍ତି, ଆମ ଦେଶର ଜୋତାକୁ ନୁହେଁ । ଏତିକିରୁ ହିଁ ବୁଝିନିଅ ଯେ ନିଜ ଦେଶରେ ତିଆରି ଜୋତାକୁ ମଧ୍ୟ କେତେ ସମ୍ମାନ ଦିଅନ୍ତି, ସେତିକି ମାନ ଅନ୍ୟ ଦେଶର ଲୋକଙ୍କର ବି କରନ୍ତି ନାହିଁ । ଦେଖ ! ୟୁରୋପିଆନ୍‌ମାନେ ଏ ଦେଶକୁ ଆସି ଶହେ ବର୍ଷରୁ କିଛି ଅଧିକ ହେଲାଣି । ତଥାପି ଆଜି ଯାଏ ସେମାନେ ମୋଟା କପଡ଼ା ଆଦି ପିନ୍ଧୁଛନ୍ତି, ଯେମିତିକି ନିଜ ଦେଶରେ ପିନ୍ଧୁଥିଲେ, ସେସବୁ ଛାଡ଼ିନାହାନ୍ତି । ପୁଣି ସେମାନେ ନିଜ ଦେଶର ଚାଲିଚଳଣିକୁ ମଧ୍ୟ ଛାଡ଼ିନାହାନ୍ତି । ଆଉ ତୁମମାନଙ୍କ ମଧ୍ୟରୁ ବହୁତ ଲୋକ ସେମାନଙ୍କ ଅନୁକରଣ କରିନେଲ । ଏଥିଯୋଗୁଁ ତୁମେ ବୁଦ୍ଧିହୀନ ଓ ସେମାନେ ବୁଦ୍ଧିମାନ୍ ପ୍ରମାଣିତ ହେଉଛନ୍ତି । ଅନ୍ଧ-ଅନୁକରଣ କରିବା ବୁଦ୍ଧିମାନଙ୍କ କାମ ନୁହେଁ । ଆଉ ଗୋଟିଏ କଥା ହେଲା ଯେ ସେମାନେ ଯିଏ ଯେଉଁ କାମରେ ଲଗ୍ନ ଥାଆନ୍ତି, ତାହାକୁ ଯଥୋଚିତ ରୂପେ କରିଥାନ୍ତି । ସର୍ବଦା ଆଜ୍ଞାନୁବର୍ତ୍ତୀ ଥାଆନ୍ତି । ନିଜ ଦେଶବାସୀଙ୍କୁ ବ୍ୟାପାର ଆଦିରେ ସହାୟତା ଦିଅନ୍ତି । ଇତ୍ୟାଦି ଗୁଣ ଓ ଭଲ କାମ ଯୋଗୁଁ ସେମାନଙ୍କ ଉନ୍ନତି ହେଉଛି । ବୁଟ୍, କୋଟ, ପ୍ୟାଣ୍ଟ ପିନ୍ଧିବା, ହୋଟେଲରେ ଖାଇବା ଆଦି ସାଧାରଣ କାମ ଏବଂ ଖରାପ କାମ ଯୋଗୁଁ ସେମାନଙ୍କ ଅଭିବୃଦ୍ଧି ହୋଇନାହିଁ ।

ୟୁରୋପିଆନ୍‌ମାନଙ୍କ ମଧ୍ୟରେ ଜାତିଭେଦ ମଧ୍ୟ ଅଛି । ଯଦି କୌଣସି ୟୁରୋପିଆନ୍, ସେ ଯେତେ ଉଚ୍ଚପଦସ୍ଥ ଓ ପ୍ରତିଷ୍ଠିତ ହେଉ ନା କାହିଁକି କୌଣସି ଅନ୍ୟ ଦେଶର, ଅନ୍ୟ ଧର୍ମର ଝିଅକୁ ବିବାହ କରେ ଅଥବା କୌଣସି ୟୁରୋପିଅନ୍ ଝିଅ ଅନ୍ୟ ଦେଶର ପୁଅକୁ ବିବାହ କରେ, ତେବେ ସେହି ସମୟରୁ ତା'ର ନିମନ୍ତ୍ରଣ, ତା' ସହ ବସି ଭୋଜନ ଓ ବିବାହ ଆଦିକୁ ଅନ୍ୟମାନେ ବନ୍ଦ କରିଦିଅନ୍ତି । ଏହା ଜାତିଭେଦ ନୁହେଁ ତ ଆଉ କ'ଣ ? ଆଉ ତୁମଭଳି ସରଳ ଲୋକଙ୍କୁ କହନ୍ତି କି ଆମ ଭିତରେ ଜାତିଭେଦ ନାହିଁ । ତୁମେ ନିଜ ନିର୍ବୋଧତା କାରଣରୁ ସେମାନଙ୍କ କଥା

ମାନି ବି ନେଉଛ । **ଏଣୁ ଯାହା ବି କରିବ, ତାହା ବୁଝି-ବିଚାରି କରିବା ଆବଶ୍ୟକ, ଯଦ୍ୱାରାକି ଫେରେ ପଶ୍ଚାତ୍ତାପ କରିବାକୁ ପଡ଼ିବ ନାହିଁ ।**

**ଦେଖ ! ବୈଦ୍ୟ ଓ ଔଷଧର ଆବଶ୍ୟକତା ରୋଗୀ ପାଇଁ ଥାଏ, ନୀରୋଗ ପାଇଁ ନୁହେଁ । ବିଦ୍ୟାବାନ୍ ନୀରୋଗ ଓ ବିଦ୍ୟାହୀନ ଅବିଦ୍ୟା-ରୋଗରେ ଗ୍ରସ୍ତ ହୋଇ ରହିଥାଏ । ସେହି ରୋଗକୁ ଦୂର କରିବା ପାଇଁ ସତ୍ୟବିଦ୍ୟା ଓ ସତ୍ୟୋପଦେଶ ରହିଛି ।** ଅଜ୍ଞାନୀକୁ ଅବିଦ୍ୟା କାରଣରୁ ଏ ରୋଗ ହୋଇଛି ଯେ ଖାଇବା-ପିଇବାରେ ହିଁ ଧର୍ମ ରହେ ବା ଯାଇଥାଏ । ଯେତେବେଳେ କାହାକୁ ଖାଇବା-ପିଇବାରେ ଅନାଚାର କରିବାର ଦେଖନ୍ତି, ସେତେବେଳେ ବୁଝନ୍ତି ଓ କହନ୍ତି ଯେ ସେ ଧର୍ମଭ୍ରଷ୍ଟ ହୋଇଗଲା । ତା' କଥା ଶୁଣନ୍ତି ନାହିଁ କି ତା' ପାଖରେ ବସନ୍ତି ନାହିଁ କିମ୍ବା ତାକୁ ନିଜ ପାଖରେ ବସେଇ ଦିଅନ୍ତି ନାହିଁ ।

ବର୍ତ୍ତମାନ କୁହ ଯେ ତୁମ ବିଦ୍ୟା ସ୍ୱାର୍ଥ ପାଇଁ ନା ପରମାର୍ଥ ପାଇଁ ? ପରମାର୍ଥ ପାଇଁ ସେତେବେଳେ ହୋଇଥାନ୍ତା ଯଦି ତୁମ ବିଦ୍ୟା ଦ୍ୱାରା ସେ ଅଜ୍ଞାନୀମାନଙ୍କର ଲାଭ ହୋଇଥାନ୍ତା । ଯଦି ତୁମେ କୁହ କି ସେମାନେ ଲାଭ ଉଠାଉନାହାନ୍ତି, ଆମେ କ'ଣ କରିବୁ ? ତେବେ ଏହା ତୁମର ହିଁ ଦୋଷ, ସେମାନଙ୍କର ନୁହେଁ । କାରଣ ତୁମେ ଯଦି ନିଜ ଆଚରଣ ଠିକ୍ ରଖିଥାନ୍ତ, ତେବେ ତୁମ ସହ ପ୍ରୀତି କରି ସେମାନେ ଉପକୃତ ହୋଇଥାନ୍ତେ । କିନ୍ତୁ ତୁମେ ହଜାର-ହଜାର ଲୋକଙ୍କ ଉପକାରକୁ ନଷ୍ଟ କରି ନିଜର ସୁଖ ସାଧନ କଲ, ତେଣୁ ଏହା ତୁମର ବହୁତ ବଡ଼ ଅପରାଧ । କାରଣ **ପରୋପକାର କରିବା ଧର୍ମ ଏବଂ ପରହାନି କରିବା ଅଧର୍ମ । ଏଣୁ ବିଦ୍ୱାନ୍‌ମାନେ ଯଥାଯୋଗ୍ୟ ବ୍ୟବହାର କରି ଅଜ୍ଞାନୀଙ୍କୁ ଦୁଃଖସାଗରରୁ ଉଦ୍ଧାର କରିବା ସକାଶେ ନୌକା ଭଳି ହେବା ଉଚିତ ।** ସର୍ବଥା ମୂର୍ଖଙ୍କ ସଦୃଶ କର୍ମ କରିବା ଅନୁଚିତ । ବରଂ ଯାହାଦ୍ୱାରା ଅନ୍ୟମାନଙ୍କର ଓ ନିଜର ଉନ୍ନତି ହେବ, ସେପରି କାମ କରିବା ଉଚିତ ।

**ପ୍ରଶ୍ନ —** ଆମେ କୌଣସି ପୁସ୍ତକକୁ ଈଶ୍ୱରପ୍ରଣୀତ ବା ସମ୍ପୂର୍ଣ୍ଣ ସତ୍ୟ ବୋଲି ମାନୁନାହୁଁ । କାରଣ ମନୁଷ୍ୟର ବୁଦ୍ଧି ନିର୍ଭ୍ରାନ୍ତ ହୋଇନଥାଏ । ଏଣୁ ସେମାନଙ୍କ ଦ୍ୱାରା ରଚିତ ସମସ୍ତ ଗ୍ରନ୍ଥ ଭ୍ରମଯୁକ୍ତ ହୋଇଥାଏ । ଏଥିପାଇଁ ଆମେ ସବୁ ପୁସ୍ତକରୁ 'ସତ୍ୟ' ଗ୍ରହଣ କରୁ ଓ 'ଅସତ୍ୟ'କୁ ଛାଡ଼ି ଦେଉ । ସତ୍ୟ 'ବେଦ'ରେ ଥାଉ କି 'ବାଇବେଲ୍'ରେ କିମ୍ବା 'କୋରାନ୍'ରେ ଅଥବା ଅନ୍ୟ କୌଣସି ଗ୍ରନ୍ଥରେ, ତାହା ଆମକୁ ଗ୍ରାହ୍ୟ । କାହାରି ଅସତ୍ୟ ଆମ ପାଇଁ ଗ୍ରାହ୍ୟ ନୁହେଁ ।

**ଉତ୍ତର —** ଯେଉଁ ତର୍କ ଆଧାରରେ ତୁମେ ସତ୍ୟଗ୍ରାହୀ ହେବାକୁ ଚାହୁଁଛ, ସେହି ଯୁକ୍ତି ଆଧାରରେ ଅସତ୍ୟଗ୍ରାହୀ ମଧ୍ୟ ପ୍ରମାଣିତ ହେଉଛ । କାରଣ ଯଦି କୌଣସି ବି ମନୁଷ୍ୟ ଭ୍ରାନ୍ତିରହିତ ହୋଇ ନ ପାରେ, ତେବେ ତୁମେ ମଧ୍ୟ ମନୁଷ୍ୟ ହୋଇଥିବାରୁ ଭ୍ରାନ୍ତିଯୁକ୍ତ ଅଟ । ଯଦି ଭ୍ରାନ୍ତିଯୁକ୍ତ ବ୍ୟକ୍ତିର ବଚନ ସର୍ବାଂଶରେ ପ୍ରାମାଣିକ ନୁହେଁ, ତେବେ ତୁମର କଥା ମଧ୍ୟ ପୂର୍ଣ୍ଣତଃ ପ୍ରମାଣ ଯୋଗ୍ୟ ହେବ ନାହିଁ । ତେଣୁ ତୁମ କଥାକୁ ମଧ୍ୟ ସର୍ବଥା ବିଶ୍ୱାସ କରିବା ଅନୁଚିତ । ଯଦି ଏପରି ଅଟେ, ତେବେ ବିଷଯୁକ୍ତ ଅନ୍ନ ଭଳି ତାହା ମଧ୍ୟ ତ୍ୟାଜ୍ୟ । ତେଣୁ ତୁମ ବ୍ୟାଖ୍ୟାନ ପୁସ୍ତକରେ ଦିଆଯାଇଥିବା କଥାକୁ କେହି ମଧ୍ୟ ପ୍ରମାଣ ରୂପେ ମାନିବା ଉଚିତ ନୁହେଁ । **'ବାହାରି ଥିଲେ ଚୌବେଜୀ ଛବେ ହେବା ପାଇଁ, ଥିବା ଦୁଇଟିକୁ ହରାଇ ଦୁବେ ହୋଇଗଲେ ।'**

ଦ୍ୱିତୀୟରେ, ତୁମେ ମଧ୍ୟ ସର୍ବଜ୍ଞ ନୁହଁ, ଯେମିତିକି ଅନ୍ୟମାନେ ସର୍ବଜ୍ଞ ନୁହନ୍ତି । ତେଣୁ ସମ୍ଭବତଃ ଭ୍ରମରେ ଅସତ୍ୟକୁ ଗ୍ରହଣ କରି ସତ୍ୟକୁ ଛାଡ଼ି ମଧ୍ୟ ଦେଉଥିବ । ଏଥିପାଇଁ ଆମେ ଅଳ୍ପଜ୍ଞମାନେ ସର୍ବଜ୍ଞ ବଚନର ସାହାଯ୍ୟ ଅବଶ୍ୟ ନେବା ଉଚିତ । ବେଦ ବିଷୟର ବ୍ୟାଖ୍ୟାନରେ ଯାହା ଲେଖାଯାଇଛି, ତୁମେ ତାହା ମାନିବା ଉଚିତ । ନଚେତ୍ **'ଇତୋ ଭ୍ରଷ୍ଟସ୍ତତୋ ଭ୍ରଷ୍ଟଃ'** ହେବା ହିଁ ସାର ହେବ ।

**ଯେହେତୁ ବେଦରୁ ସବୁ ସତ୍ୟ ପ୍ରାପ୍ତ ହୁଏ, ଯେଉଁଥିରେ ଅସତ୍ୟ ଲେଶମାତ୍ର ନାହିଁ, ତାକୁ ସ୍ୱୀକାର**

**କରିବାରେ ଶଙ୍କା କରିବା ନିଜ ଓ ପରର କେବଳ ହାନି କରିବା ଅଟେ ।** ଏଥିପାଇଁ ତୁମକୁ ଆର୍ଯ୍ୟାବର୍ତ୍ତୀୟ ଲୋକେ ନିଜର ବୋଲି ଭାବୁନାହାନ୍ତି ଓ ତୁମେ ଆର୍ଯ୍ୟାବର୍ତ୍ତର ଉନ୍ନତିର କାରଣ ମଧ୍ୟ ହୋଇପାରୁ ନାହଁ; କାରଣ ତୁମେ **'ବାର ଦୁଆରର ଭିକାରି'** ସାଜିଛ । ତୁମେ ଭାବିଲ ଯେ ଏପରି କରି ଆମେ ନିଜର ଓ ଅନ୍ୟର ଉପକାର କରିପାରିବୁ; କିନ୍ତୁ ତାହା କରିପାରିବ ନାହିଁ । ଯେପରିକି **କୌଣସି ସନ୍ତାନର ମାତାପିତା ଦୁହେଁ ମାତ୍ର ସକଳ ସଂସାରର ସବୁ ସନ୍ତାନର ପାଳନ କରିବାକୁ ଯଦି ଲାଗନ୍ତି ତେବେ ସମସ୍ତଙ୍କ ପାଳନ କରିବା ତ ଅସମ୍ଭବ, ବରଂ ଏହା ଦ୍ୱାରା ନିଜର ସନ୍ତାନଙ୍କ ମଧ୍ୟ ନଷ୍ଟ କରିବସନ୍ତି । ଆପଣମାନଙ୍କ ଗତି ମଧ୍ୟ ସେହିପରି ।**

**ଭଲା, ବେଦାଦି ସତ୍ୟ ଶାସ୍ତ୍ରକୁ ନ ମାନି ତୁମେ ନିଜ କଥାର ସତ୍ୟତା-ଅସତ୍ୟତାର ପରୀକ୍ଷା ଓ ଆର୍ଯ୍ୟାବର୍ତ୍ତର ଉନ୍ନତି କ'ଣ କେବେ କରିପାରିବ? ଯେଉଁ ଦେଶକୁ ରୋଗ ହୋଇଛି, ତା'ର ଔଷଧ ତୁମ ପାଖରେ ନାହିଁ ।** ପୁଣି ୟୁରୋପିଆନ୍‌ମାନେ ତୁମକୁ ବାସିପାଣିରେ ପଚାରନ୍ତି ନାହିଁ । ଏଣେ ଆର୍ଯ୍ୟମାନେ ତୁମକୁ ଅନ୍ୟମତାବଲମ୍ବୀଙ୍କ ସଦୃଶ ମନେକରନ୍ତି । ତେଣୁ ବର୍ତ୍ତମାନ ବି ସମୟ ଅଛି, ଏ କଥାକୁ ହୃଦୟଙ୍ଗମ କରି ବେଦାଦିକୁ ମାନ୍ୟ ଦେଇ ଦେଶୋନ୍ନତି କରିବାରେ ଲାଗିବ ତ ବହୁତ ଭଲ ।

ତୁମେ ଯେଉଁ କହୁଛ ଯେ ସବୁ ସତ୍ୟ ପରମେଶ୍ୱରଙ୍କଠାରୁ ପ୍ରକାଶିତ ହୋଇଥାଏ, ପୁଣି ଋଷିମାନଙ୍କ ଆତ୍ମାରେ ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ହୋଇଥିବା ସତ୍ୟାର୍ଥ 'ବେଦ'କୁ କାହିଁକି ମାନୁନାହଁ? ହଁ, ଏହାର କାରଣ ହେଲା ଯେ ତୁମେମାନେ ବେଦ ପଢ଼ିନାହଁ କି ପଢ଼ିବାକୁ ଚାହୁଁନାହଁ । ତେଣୁ ତୁମକୁ ବେଦୋକ୍ତ ଜ୍ଞାନ ହେବ କିପରି ?

*୬.* ଆଉ ଗୋଟିଏ କଥା । ଜଗତର ଉପାଦାନ କାରଣ ନ ଥାଇ ଜଗତର ଉତ୍ପତ୍ତି ହୁଏ ଓ ସେହିଭଳି ଜୀବର ମଧ୍ୟ ଉତ୍ପନ୍ନ ହୁଏ ବୋଲି ମାନୁଛ; ଯେମିତିକି ଖ୍ରୀଷ୍ଟିଆନ ଓ ମୁସଲମାନ ଆଦି ମାନନ୍ତି । ଏହାର ଉତ୍ତର ସୃଷ୍ଟ୍ୟୁତ୍ପତ୍ତି ଓ ଜୀବେଶ୍ୱର ବ୍ୟାଖ୍ୟାରେ (ଅଷ୍ଟମ ଓ ସପ୍ତମ ସମୁଲ୍ଲାସରେ) ଦେଖିନିଅ । **କାରଣ ବିନା କାର୍ଯ୍ୟ ସର୍ବଥା ଅସମ୍ଭବ ଏବଂ ଉତ୍ପନ୍ନ ପଦାର୍ଥର ବିନାଶ ନ ହେବା ମଧ୍ୟ ସେହିପରି ଅସମ୍ଭବ ।**

**୭.** ତୁମ ବ୍ରାହ୍ମସମାଜର ବିଚାରର ଆଉ ଗୋଟିଏ ଦୋଷ ହେଲା ଯେ **ପଶ୍ଚାତ୍ତାପ ଓ ପ୍ରାର୍ଥନା ଦ୍ୱାରା ପାପର ଫଳରୁ ନିଷ୍କୃତି ମିଳେ ବୋଲି ତୁମେ ମାନୁଛ । ଏହି ବିଶ୍ୱାସ ଯୋଗୁଁ ସଂସାରରେ ପାପ ବହୁତ ବଢ଼ି ଚାଲିଛି ।** କାରଣ ପୌରାଣିକମାନେ ତୀର୍ଥଯାତ୍ରା ଆଦି ଦ୍ୱାରା; ଜୈନମାନେ ନବକାର ମନ୍ତ୍ର, ଜପ ଓ ତୀର୍ଥାଦି ଦ୍ୱାରା; ଖ୍ରୀଷ୍ଟିଆନମାନେ ଖ୍ରୀଷ୍ଟ-ବିଶ୍ୱାସ ଦ୍ୱାରା; ମୁସଲମାନମାନେ 'ତୋବା' କରିବା ଦ୍ୱାରା ପାପର ଫଳ ବିନା ଭୋଗରେ ପାପ କ୍ଷୟ ହୋଇଯାଏ ବୋଲି ମାନନ୍ତି । **ଏହି ଧାରଣା ଯୋଗୁଁ ପାପ ପ୍ରତି ଭୟ ଜାଗ୍ରତ ହେବା ପରିବର୍ତ୍ତେ ପାପରେ ପ୍ରବୃତ୍ତି ବହୁତ ବୃଦ୍ଧି ପାଇଛି ।** ଏହି ବିଷୟରେ ବ୍ରାହ୍ମସମାଜୀ ଓ ପ୍ରାର୍ଥନାସମାଜୀମାନେ ମଧ୍ୟ ପୌରାଣିକଙ୍କ ପରି ଅଟନ୍ତି । ଯଦି ବେଦକୁ ମାନନ୍ତେ, ପଢ଼ନ୍ତେ ତେବେ ବିନା ଭୋଗରେ ପାପ-ପୁଣ୍ୟର କ୍ଷୟ ହୁଏ ନାହିଁ ବୋଲି ଜାଣି ପାପକୁ ଭୟ କରନ୍ତେ ଏବଂ ସଦା ଧର୍ମରେ ପ୍ରବୃତ୍ତ ହୁଅନ୍ତେ । **ଯଦି ବିନା ଭୋଗରେ ପାପ-ପୁଣ୍ୟର କ୍ଷୟ ସ୍ୱୀକାର କରାଯାଏ, ତେବେ ଈଶ୍ୱର ଅନ୍ୟାୟକାରୀ ବୋଲି ସିଦ୍ଧ ହୁଅନ୍ତି ।**

**୮.** ଜୀବର ଅନନ୍ତ ଉନ୍ନତି ହୁଏ ବୋଲି ତୁମେ ଯେଉଁ ମାନୁଛ, ତାହା କେବେ ସମ୍ଭବପର ନୁହେଁ । କାରଣ ସସୀମ ଜୀବର ଗୁଣ-କର୍ମ-ସ୍ୱଭାବର ଫଳ ମଧ୍ୟ ସସୀମ ହେବା ଆବଶ୍ୟକ ।

**ପ୍ରଶ୍ନ —** ପରମେଶ୍ୱର ଦୟାଳୁ ଅଟନ୍ତି, ସସୀମ କର୍ମର ଅନନ୍ତ ଫଳ ଦେଇଦେବେ ।

**ଉତ୍ତର —** ଯଦି ଏପରି କରନ୍ତି, ତେବେ ପରମେଶ୍ୱରଙ୍କ ନ୍ୟାୟକାରିତା ନଷ୍ଟ ହୋଇଯିବ । ଦ୍ୱିତୀୟରେ, ସତ୍‌କର୍ମର ଅଭିବୃଦ୍ଧି ମଧ୍ୟ କେହି କରିବେ ନାହିଁ । କାରଣ ଅଳ୍ପ ସତ୍‌କର୍ମର ମଧ୍ୟ ଅନନ୍ତ ଫଳ ପରମେଶ୍ୱର ଦେଇଦେବେ ।

ତା' ଛଡ଼ା **'ପଶ୍ଚାତ୍ତାପ ଓ ପ୍ରାର୍ଥନା ଦ୍ୱାରା ଯେତେ ପାପ ହୋଇଥିଲେ ବି ସବୁ କ୍ଷୟ ହୋଇଯିବ'-ଏଭଳି ବିଚାର ଦ୍ୱାରା ଧର୍ମର ହାନି ଓ ପାପ କର୍ମର ବୃଦ୍ଧି ହୋଇଥାଏ ।**

**ପ୍ରଶ୍ନ —** ଆମେ 'ସ୍ୱାଭାବିକ' ଜ୍ଞାନକୁ ବେଦଠାରୁ ମଧ୍ୟ ବଡ଼ ବୋଲି ମାନୁଛୁ, 'ନୈମିତ୍ତିକ'କୁ ନୁହେଁ । କାରଣ ପରମେଶ୍ୱର ପ୍ରଦତ୍ତ ସ୍ୱାଭାବିକ ଜ୍ଞାନ ଯଦି ଆମ ପାଖରେ ନ ଥାନ୍ତା, ତେବେ ବେଦକୁ ମଧ୍ୟ କିପରି ପଢ଼ି-ପଢ଼ାଇ, ବୁଝି-ବୁଝାଇ ପାରନ୍ତେ ? ଏଣୁ ଆମମାନଙ୍କ ମତ ଅତି ଉତ୍ତମ ।

**ଉତ୍ତର —** ତୁମର ଏହି କଥନ ନିରର୍ଥକ । କାରଣ ଯାହା ଅନ୍ୟ କାହା ଦ୍ୱାରା ପ୍ରଦତ୍ତ ଜ୍ଞାନ, ତାହା ସ୍ୱାଭାବିକ ହୋଇନଥାଏ । ଯାହା ସ୍ୱାଭାବିକ ଅଟେ, ତାହା 'ସହଜ ଜ୍ଞାନ' ହୋଇଥାଏ ଏବଂ ତାହା ବଢ଼ି କି କମି ପାରେ ନାହିଁ । ତା' ଦ୍ୱାରା କେହି ମଧ୍ୟ ଉନ୍ନତି କରିପାରେ ନାହିଁ । କାରଣ ଜଙ୍ଗଲୀ ଲୋକଙ୍କଠାରେ ବି ତ ସ୍ୱାଭାବିକ ଜ୍ଞାନ ଅଛି, ତଥାପି ସେମାନେ ନିଜ ଉନ୍ନତି କରିପାରୁନାହାନ୍ତି କାହିଁକି ? ଦ୍ୱିତୀୟତଃ, ନୈମିତ୍ତିକ ଜ୍ଞାନ ହିଁ ଉନ୍ନତିର ହେତୁ । ଦେଖ ! ତୁମେ-ଆମେ ବାଲ୍ୟାବସ୍ଥାରେ କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଓ ଧର୍ମ-ଅଧର୍ମ କିଛି ମଧ୍ୟ ଠିକ୍-ଠିକ୍ ଜାଣିନଥିଲେ । ଯେତେବେଳେ ଆମେ ବିଦ୍ୱାନଙ୍କଠାରୁ ବିଦ୍ୟା ପ୍ରାପ୍ତ କଲେ, ସେତେବେଳେ କର୍ତ୍ତବ୍ୟାକର୍ତ୍ତବ୍ୟ ଓ ଧର୍ମାଧର୍ମ ବୁଝିବାକୁ ଲାଗିଲେ । ଅତଏବ ସ୍ୱାଭାବିକ ଜ୍ଞାନକୁ ସର୍ବଶ୍ରେଷ୍ଠ ବୋଲି ମାନିବା ଉଚିତ ନୁହେଁ ।

**୯.** ଆପଣମାନେ ପୂର୍ବଜନ୍ମ ଓ ପୁନର୍ଜନ୍ମକୁ ଯେଉଁ ମାନୁନାହାନ୍ତି, ସେ ବିଚାର ସମ୍ଭବତଃ ଖ୍ରୀଷ୍ଟିଆନ-ମୁସଲମାନଙ୍କଠାରୁ ନେଇଥିବେ । ଏହାର ଉତ୍ତର ମଧ୍ୟ ପୁନର୍ଜନ୍ମର ବ୍ୟାଖ୍ୟା (ନବମ ସମୁଲ୍ଲାସ)ରୁ ପାଇପାରିବେ । କିନ୍ତୁ ଏତିକି ଜାଣିରଖନ୍ତୁ ଯେ ଜୀବ 'ଶାଶ୍ୱତ' ଅର୍ଥାତ୍ ନିତ୍ୟ ଏବଂ ତା'ର କର୍ମ ମଧ୍ୟ ପ୍ରବାହ-ରୂପରେ ନିତ୍ୟ । କର୍ମ ଓ କର୍ମବାନ୍ ମଧ୍ୟରେ ନିତ୍ୟ ସମ୍ବନ୍ଧ ଥାଏ । ସେ ଜୀବ କ'ଣ କେଉଁଠି ନିକମା ହୋଇ ବସିଥିଲା ? ନା ନିକମା ହୋଇ ରହିବ ? ଆଉ ତୁମ କଥା ଅନୁସାରେ ପରମେଶ୍ୱର ମଧ୍ୟ ନିକମା ହୋଇଥାନ୍ତି । **ପୂର୍ବ-ପର ଜନ୍ମ ନ ମାନିଲେ 'କୃତହାନି' ଓ 'ଅକୃତାଭ୍ୟାଗମ', 'ନୈର୍ଘୃଣ୍ୟ' ଓ 'ବୈଷମ୍ୟ' ଦୋଷ ମଧ୍ୟ ଈଶ୍ୱରଙ୍କ ଉପରେ ଲାଗିବ ।** ତା'ର ପ୍ରଥମ କାରଣ ହେଲା ମୃତ୍ୟୁ ପରେ ଯଦି ଆଉ ଜନ୍ମ ନ ହୁଏ, ତେବେ କୃତ ପାପ-ପୁଣ୍ୟର ଫଳଭୋଗର ହାନି ହୋଇଯିବ । ଯେହେତୁ ଜୀବିତାବସ୍ଥାରେ ଜୀବ ଅନ୍ୟକୁ ସୁଖ-ଦୁଃଖ, ହାନି-ଲାଭ ପହୁଞ୍ଚାଇଥାଏ, ତା'ର ସେପରି ଫଳ ତାକୁ ଶରୀର ଧାରଣ ନ କରି ଭୋଗ ହୋଇପାରିନଥାଏ । ଦ୍ୱିତୀୟରେ, ପୂର୍ବଜନ୍ମର ପାପ-ପୁଣ୍ୟ ବିନା ଏହି ଜନ୍ମରେ ଦୁଃଖ-ସୁଖ କାହିଁକି ମିଳିବ ? ତୃତୀୟରେ, ଦୁଃଖ-ସୁଖ ଯଦି ପୂର୍ବଜନ୍ମର ପାପ-ପୁଣ୍ୟାନୁସାରେ ନ ହୁଏ ତେବେ ପରମେଶ୍ୱର ଅନ୍ୟାୟକାରୀ ହେବେ । ଏବଂ ଚତୁର୍ଥରେ, ବିନା ଭୋଗରେ କର୍ମଫଳ ନାଶ ଭଳି ହୋଇଯିବ । ଏଣୁ ଆପଣମାନଙ୍କ ଏହି ସିଦ୍ଧାନ୍ତ ମଧ୍ୟ ଠିକ୍ ନୁହେଁ ।

**୧୦.** ଆଉ ଗୋଟିଏ କଥା ହେଲା ଯେ ଈଶ୍ୱରଙ୍କ ଅତିରିକ୍ତ ଅନ୍ୟ ଦିବ୍ୟଗୁଣସମ୍ପନ୍ନ ପଦାର୍ଥ ଓ ବିଦ୍ୱାନଙ୍କୁ ଦେବତା ବୋଲି ନ ମାନିବା ଠିକ୍ ନୁହେଁ; କାରଣ ପରମେଶ୍ୱର ହେଉଛନ୍ତି ମହାଦେବ । ଯଦି ଅନ୍ୟ ଦେବଗଣ ନ ଥାନ୍ତେ, ତେବେ ଈଶ୍ୱରଙ୍କୁ ମହାଦେବ କାହିଁକି କୁହାଯାନ୍ତା ? ଯେହେତୁକି ସମସ୍ତ ଦେବତାଙ୍କ ଯିଏ ସ୍ୱାମୀ ତାକୁ 'ମହାଦେବ' କୁହାଯାଏ ।

**୧୧.** ଅଗ୍ନିହୋତ୍ରାଦି ପରୋପକାର କର୍ମକୁ କର୍ତ୍ତବ୍ୟ ବୋଲି ବିଚାର ନ କରିବା ଠିକ୍ ନୁହେଁ ।

**୧୨.** ଆର୍ଯ୍ୟାବର୍ତ୍ତର ଋଷି-ମହର୍ଷିଙ୍କ କୃତ ଉପକାରକୁ ନ ମାନି ଯୀଶୁ ପ୍ରଭୃତିଙ୍କ ଆଡ଼କୁ ଢଳିଯିବା ଉଚିତ ନୁହେଁ ।

**୧୩.** ବିଦ୍ୟାର ମୂଳକାରଣ ବେଦ ବିନା ଅନ୍ୟ କାର୍ଯ୍ୟ-ବିଦ୍ୟାର ଉତ୍ପତ୍ତି ହୋଇଛି ବୋଲି ମାନିବା ସର୍ବଥା ଅସମ୍ଭବ କଥା ।

**ଅବଶିଷ୍ଟାଂଶ ୨୧ ପୃଷ୍ଠାରେ**

# ବେଦଧାମ ନିର୍ମାଣ ଯୋଜନା

ବେଦଧାମର ବ୍ୟବସ୍ଥିତ ନିର୍ମାଣ ନିମନ୍ତେ ଅର୍ଥସଂଗ୍ରହ, ରୂପରେଖା ପ୍ରସ୍ତୁତି, ନିର୍ମାଣ ଦାୟିତ୍ୱ ବିତରଣ ଓ କାର୍ଯ୍ୟ ତଦାରଖ ଆଦିକୁ ଉତ୍ତମ ରୂପେ ସଂପାଦନ କରିବା ସକାଶେ ଅକ୍ଟୋବର ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜୀବନ ନିର୍ମାଣ ଶିବିର ଅବସରରେ ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ **'ବେଦଧାମ ନିର୍ମାଣ ସମିତି'** ନାମକ ଏକ ସମିତି ଗଠନ କରାଯାଇଛି। ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ, ଇଂ. ଇ. କୁମାର ସ୍ୱାମୀ, ଇଂ. ନାରାୟଣ ପଣ୍ଡା ଓ ଡାକ୍ତର ସୁକାନ୍ତି ଦାସ ଏଥିରେ ସଂଯୋଜକ ଭାବେ ରହିଛନ୍ତି। ଶ୍ରୁତିନ୍ୟାସର ସକଳ ଶୁଭେଚ୍ଛୁ-ସହଯୋଗୀଙ୍କ ସହ ଆବଶ୍ୟକତା ଅନୁସାରେ ଯୋଗାଯୋଗ କରି ନିର୍ମାଣ ସମ୍ବନ୍ଧୀୟ ସମସ୍ତ ଅନ୍ତିମ ନିର୍ଣ୍ଣୟ ନେବା ଓ ଅନ୍ୟମାନଙ୍କ ସହଯୋଗରେ ତାକୁ ଉଚିତ ରୂପେ କ୍ରିୟାନ୍ୱୟନ କରାଇବା ଦାୟିତ୍ୱ ଏହି ୫ ଜଣଙ୍କ ଉପରେ ନ୍ୟସ୍ତ କରାଯାଇଛି। ଉପସ୍ଥିତ ଶିବିରାର୍ଥୀଙ୍କ ମଧ୍ୟରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୩୦ ଜଣ ବ୍ୟକ୍ତିଙ୍କୁ ଏହି ସମିତିର ସଦସ୍ୟ କରାଯାଇଛି। କାର୍ଯ୍ୟର ଆବଶ୍ୟକତା ଅନୁସାରେ ବିବିଧ କାର୍ଯ୍ୟରେ ଯେଉଁମାନେ ଶ୍ରଦ୍ଧାପୂର୍ବକ ସହଯୋଗ କରିବାକୁ ଚାହିଁବେ ସେମାନଙ୍କୁ ନେଇ ସମିତିର ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରାଯିବ।

ବେଦଧାମକୁ ଶ୍ରୁତିନ୍ୟାସର ବହୁମୁଖୀ ଗତିବିଧିର କେନ୍ଦ୍ର ରୂପେ ବ୍ୟବସ୍ଥିତ ଓ ଯୋଜନାବଦ୍ଧ ଭାବେ ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବାନପ୍ରସ୍ଥ-ସାଧକ ଅଶ୍ରମ ନିର୍ମାଣ କରାଯିବା ପାଇଁ ନିର୍ଣ୍ଣୟ ନିଆଯାଇଛି। ଏଥିରେ ପ୍ରାୟ ୪୦ଟି କକ୍ଷ ନିର୍ମାଣ କରାଯିବ। ଆବଶ୍ୟକତାନୁସାରେ ଏହି ଅଟ୍ଟାଳିକା ପ୍ରାୟ ୩ ମହଲା ବିଶିଷ୍ଟ କରାଯିବ। ପ୍ରତ୍ୟେକ କକ୍ଷ ପ୍ରାୟ ୪୨୦ ବର୍ଗ ଫୁଟ(ବାରଣ୍ଡା ସହ) ବିଶିଷ୍ଟ ହେବ। ପ୍ରତ୍ୟେକ କକ୍ଷର ନିର୍ମାଣ ବ୍ୟୟ ପ୍ରାୟ ୬ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଅଟକଳ କରାଯାଇଛି। କିନ୍ତୁ ଯେଉଁମାନେ ନିଜ ନାମରେ ବା ନିଜ ମାତା-ପିତା କିମ୍ବା ଅନ୍ୟ ପ୍ରିୟଜନଙ୍କ ସ୍ମୃତିରେ କକ୍ଷ ନିର୍ମାଣ କରାଇବାକୁ ଚାହାନ୍ତି ସେମାନଙ୍କ ଠାରୁ ଗୋଟିଏ କକ୍ଷ ପାଇଁ ଅନ୍ୟୂନ ୫ ଲକ୍ଷ ଟଙ୍କା ଦାନ ଗ୍ରହଣ କରାଯିବା ପାଇଁ ସ୍ଥିର କରାଯାଇଛି। ଯେଉଁମାନେ ଚାହିଁବେ ସେମାନେ କକ୍ଷ ନିର୍ମାଣର ସମ୍ପୂର୍ଣ୍ଣ ବ୍ୟୟ ବି ଦେଇପାରିବେ, ଅଧିକ ବି ଦେଇପାରିବେ। ଯେଉଁମାନେ କକ୍ଷ ନିର୍ମାଣ କରାଇବାକୁ ଚାହାନ୍ତି ସେମାନେ ଜାନୁଆରୀ-୨୦୨୦ ସୁଦ୍ଧା ଅନ୍ୟୂନ ୧ ଲକ୍ଷ ଟଙ୍କା ଅଗ୍ରୀମ ଦେଇ କକ୍ଷ ସଂରକ୍ଷଣ କରିବାକୁ ଅନୁରୋଧ। ବକେୟା ଟଙ୍କା ପରବର୍ତ୍ତୀ ସମୟରେ ଏକକାଳୀନ ବା ୨-୩ ବର୍ଷରେ ପର୍ଯ୍ୟାୟକ୍ରମେ ପୈଠ କରିପାରିବେ। ସମ୍ପୂର୍ଣ୍ଣ ଅର୍ଥ ମିଳିବା କ୍ରମରେ କକ୍ଷ ଆବଣ୍ଟନ କରାଯିବ। ବାନପ୍ରସ୍ଥ-ସାଧକ ଅଶ୍ରମର ନିର୍ମାଣ କାର୍ଯ୍ୟ ଆପାତତଃ ଆସନ୍ତା ଫେବୃଆରୀ ମାସରୁ ଅରମ୍ଭ ହେବ। ତଦନନ୍ତର କୌଣସି ନୂତନ ବ୍ୟକ୍ତି କକ୍ଷ ଚାହିଁଲେ ଯୋଗାଇବା ସମ୍ଭବପର ନୁହେଁ।

ବର୍ତ୍ତମାନ ସୁଦ୍ଧା ୫ ଜଣ ସଦସ୍ୟ ୫ ଲକ୍ଷ ଟଙ୍କା ଲେଖାଏଁ, ୬ ଜଣ ସଦସ୍ୟ ୨ ଲକ୍ଷ ବା ତଦୂର୍ଦ୍ଧ୍ୱ ଲେଖାଏଁ ଟଙ୍କା ଏବଂ ୮ ଜଣ ସଦସ୍ୟ ୧ ଲକ୍ଷ ଟଙ୍କା ଲେଖାଏଁ ଦେଇ କକ୍ଷ ସଂରକ୍ଷଣ କରିସାରିଛନ୍ତି। ଆଗ୍ରହୀ ସଜ୍ଜନ ସଂପର୍କ କରନ୍ତୁ.....

**ସମ୍ପାଦକ**

**୭୦୦୮୦୫୮୨୪୨/୯୮୬୧୩୩୫୩୨୧**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– ‘ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି’** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ ‘ବେଦ’ ବା ‘ଶ୍ରୁତି’ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ ‘ଶ୍ରୁତିସୌରଭ’ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୭୯ | ୨୦୨ | ୭୮୧ | ୧୭. | ଜଗତସିଂହପୁର | ୩୧ | ୦୦ | ୩୧ |
| ୦୨. | ଖୋର୍ଦ୍ଧା | ୩୭୪ | ୪୮ | ୪୨୨ | ୧୮. | ନୟାଗଡ଼ | ୨୩ | ୦୨ | ୨୫ |
| ୦୩. | କଟକ | ୩୩୪ | ୬୯ | ୪୦୨ | ୧୯. | ଭଦ୍ରକ | ୨୨ | ୨୩ | ୪୫ |
| ୦୪. | ସୁନ୍ଦରଗଡ଼ | ୨୮୮ | ୧୧୮ | ୪୦୬ | ୨୦. | ବୌଦ୍ଧ | ୨୩ | ୧୯ | ୪୨ |
| ୦୫. | ବରଗଡ଼ | ୨୩୮ | ୬୪ | ୩୦୨ | ୨୧. | ଢେଙ୍କାନାଳ | ୨୦ | ୨୬ | ୪୬ |
| ୦୬. | ବାଲେଶ୍ୱର | ୨୧୪ | ୦୭ | ୨୨୧ | ୨୨. | ଝାରସୁଗୁଡ଼ା | ୧୭ | ୦୧ | ୧୮ |
| ୦୭. | କୋରାପୁଟ | ୧୧୨ | ୨୬ | ୧୩୮ | ୨୩. | କେନ୍ଦୁଝର | ୧୬ | ୦୧ | ୧୭ |
| ୦୮. | ବଲାଙ୍ଗିର | ୧୧୨ | ୧୭ | ୧୨୯ | ୨୪. | କଳାହାଣ୍ଡି | ୧୫ | ୦୧ | ୧୬ |
| ୦୯. | ସୁବର୍ଣ୍ଣପୁର | ୯୩ | ୮୮ | ୧୮୧ | ୨୫. | ଗଜପତି | ୧୬ | ୦୧ | ୧୭ |
| ୧୦. | ସମ୍ବଲପୁର | ୬୭ | ୨୧ | ୮୮ | ୨୬. | ଯାଜପୁର | ୦୯ | ୦୪ | ୧୩ |
| ୧୧. | ରାୟଗଡ଼ା | ୬୪ | ୦୨ | ୬୬ | ୨୭. | କେନ୍ଦ୍ରାପଡ଼ା | ୦୭ | ୧୧ | ୧୮ |
| ୧୨. | ମୟୂରଭଞ୍ଜ | ୬୩ | ୧୦ | ୭୩ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | ଅନୁଗୁଳ | ୬୦ | ୦୯ | ୬୯ | ୨୯. | ନୂଆପଡ଼ା | ୦୨ | ୦୦ | ୦୨ |
| ୧୪. | କନ୍ଧମାଳ | ୫୩ | ୬୨ | ୧୧୫ | ୩୦. | ନବରଙ୍ଗପୁର | ୦୧ | ୦୦ | ୦୧ |
| ୧୫. | ପୁରୀ | ୪୭ | ୦୨ | ୪୯ | ୩୧. | ଅନ୍ୟାନ୍ୟ | ୬୦ | ୦୦ | ୬୦ |
| ୧୬. | ମାଲକାନଗିରି | ୩୫ | ୩୫ | ୭୦ | | **ମୋଟ** | **୩୦୦୪** | **୮୬୧** | **୩୮୬୫** |

‘ଶ୍ରୁତିସୌରଭ’ ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଆଚାର୍ଯ୍ୟ | ବାଲେଶ୍ୱର | ୧୩୪ | ୦୦ | ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୨୦ | ୦୦ |
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୮ | ୦୩ | ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୧୦୦ | ୨୦ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୯ | ୦୦ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୧୦୦ | ୦୪ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୯ | ୦୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୭୭ | ୦୩ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୭ | ୪୪ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୭ | ୦୬ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୭ | ୧୬ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୭୧ | ୯୦ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୭ | ୧୧ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୫୯ | ୪୮ | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୧୭ | ୦୩ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୫୬ | ୦୬ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୬ | ୦୨ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୫୬ | ୫୦ | ଇଂ. କାଳୁଚରଣ ବେହେରା | କଟକ | ୧୬ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୪୩ | ୧୨ | ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୧୫ | ୪୫ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୮ | ୪୩ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୫ | ୧୭ |
| ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୩୭ | ୦୦ | ବେଦ ପ୍ରଚାର ସମିତି, କଟକ | | ୧୫ | ୦୦ |
| ଶ୍ରୀମତୀ ରାସେଶ୍ୱରୀ ଦେଇ | ସୁନ୍ଦରଗଡ଼ | ୩୧ | ୦୦ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୦୧ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୩୧ | ୦୪ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୪ | ୦୨ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୩୧ | ୦୦ | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୪ | ୦୧ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୩୦ | ୦୪ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୨୮ | ୦୩ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୮ | ୦୦ | ଇଂ. ଶଶିଭୂଷଣ ନନ୍ଦ | କଟକ | ୧୩ | ୦୧ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୨୮ | ୦୨ | ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୧୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୫ | ୩୩ | ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୧୩ | ୦୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୫ | ୦୦ | ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୩ | ୦୦ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୨୪ | ୦୧ | ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୩ | ୦୦ | ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୧୨ | ୧୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୨ | ୨୧ | ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୧୨ | ୦୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୨୨ | ୧୨ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୧ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୨ | ୦୦ | ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୧ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୨୧ | ୦୬ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୨୦ | ୧୦ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୨୦ | ୦୦ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୨୫ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୨୦ | ୦୦ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୧ | ୨୦ |


| | | | |
|---|---|---|---|
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୧ | ୦୧ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୧୧ | ୦୭ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୦ |
| ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୧ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୧୧ | ୦୧ |
| ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୧୧ | ୦୦ |
| ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୧୧ | ୦୦ |
| ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ | ବାଲେଶ୍ୱର | ୧୧ | ୦୦ |
| ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ବିଭୁତି ଭୂଷଣ ସାହୁ | ଅନୁଗୁଳ | ୧୦ | ୦୦ |
| ବେଦ ପ୍ରଚାର ସମିତି, ଜୟପୁର | | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୯ | ୧୬ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୯ | ୦୧ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲିପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୯ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୦୩ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୮ | ୦୨ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୮ | ୦୨ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୮ | ୦୨ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୮ | ୦୭ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୮ | ୦୧ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୮ | ୦୨ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୮ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୮ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୮ | ୦୫ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ରମେଶ ଜେନା | ଖୋର୍ଦ୍ଧା | ୦୮ | ୦୨ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୭ | ୦୫ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୭ | ୧୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୭ | ୦୧ |
| ଶ୍ରୀମାନ୍ ଅଶୋକ କୁମାର ସୁବୁଦ୍ଧି | ବରଗଡ଼ | ୦୭ | ୦୨ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ପ୍ରଭାତ କୁମାର ମାଝୀ | କୋରାପୁଟ | ୦୭ | ୦୧ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୭ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୭ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମତୀ ବିଷ୍ଣୁପ୍ରିୟା ପ୍ରଧାନ | ସୁନ୍ଦରଗଡ଼ | ୦୬ | ୦୯ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୦୫ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୭ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଅନିଲ କୁମାର ମହାପାତ୍ର | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |

(କ୍ରମଶଃ...)





ବେଦ ପ୍ରଚାର ସମିତି, ବରଗଡ଼ ପକ୍ଷରୁ ସ୍ଥାନୀୟ ସ୍ୱୟଂସିଦ୍ଧା ମଣ୍ଡପଠାରେ ଶ୍ରାବଣୀ ଉପାକର୍ମ ଉପଲକ୍ଷେ ବେଦ ପ୍ରବଚନ






ବେଦ ପ୍ରଚାର ସମିତି, ବରଗଡ଼ ପକ୍ଷରୁ ସ୍ଥାନୀୟ ସ୍ୱୟଂସିଦ୍ଧା ମଣ୍ଡପଠାରେ ଶ୍ରାବଣୀ ଉପାକର୍ମ ଉପଲକ୍ଷେ ବେଦ ପ୍ରବଚନ



ଶ୍ରୁତିନ୍ୟାସ ପକ୍ଷରୁ ଭୁବନେଶ୍ୱରରେ ଶ୍ରାବଣୀ ଉପାକର୍ମ




ଭୁବନେଶ୍ୱରରେ ଶ୍ରାବଣୀ ଉପାକର୍ମ ଅବସରରେ ସତ୍ୟର ସନ୍ଧାନେ (୧) ଉନ୍ମୋଚନ





ଋଷି ନିର୍ବାଣୋତ୍ସବ (ଦୀପାବଳି) ଅବସରରେ ଶ୍ରୁତିନ୍ୟାସ ପକ୍ଷରୁ ରାଉରକେଲାରେ ସାମୂହିକ ଯଜ୍ଞ ଓ ପ୍ରବଚନ






ବାଲେଶ୍ୱରର ଭେନିଆ ପାରାଡାଇଜ୍ ମଣ୍ଡପରେ ପ୍ରାପ୍ତିର ପ୍ରଥମ ବାର୍ଷିକ ଉତ୍ସବ ଓ ଋଣମୁକ୍ତ ଜୀବନ କର୍ମଶାଳା

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 5 Issue 1 Nov. - Dec. 2019





ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ଶ୍ରାବଣୀ ଉପାକର୍ମ



ପଣ୍ଡିତ ନୀଳାମ୍ବର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା



ପଞ୍ଚଦଶ କୁଣ୍ଡିୟ ଯଜ୍ଞ

# Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**